بِسْمِ اللّٰهِ الرَّحْمٰنِ الرَّحِیْمِ نَحْمَدُهٗ وَنُصَلِّیْ عَلٰی رَسُوْلِهِ الْکَرِیْمِ وَعَلٰی عَبْدِهِ الْمَسِیْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 1

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

www.akhbarbadrqadian.in

ସଂଖ୍ୟା 4

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ: ଫଜଲ୍ ହକ୍ ଖାନ୍

ଗୁରୁବାର 31 ମାର୍ଚ୍ଚ 2016   21ଜମାଦି ସାନି 1437ହି.ଶ   31 ଅମାନ୍1395 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପନ୍‌ଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି ।

(ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି ଉମ୍‌ରିହି ଓ୍ୱ ଅମ୍‌ରିହି ॥

ତୁମମାନଙ୍କ ପକ୍ଷରେ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ପରାକ୍ରମକୁ ଦେଖିବା ଅନିବାର୍ଯ୍ୟ ଅଟେ । ତାହାର (ଦ୍ୱିତୀୟ ପରାକ୍ରମର)ଆଗମନ ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ । କାରଣ ତାହା ଚିରସ୍ଥାୟୀ, ଯାହାର କ୍ରମ ପ୍ରଳୟ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବ ନାହିଁ । ପୁନଶ୍ଚ ମୋର ପ୍ରସ୍ଥାନ ନ ହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବ ନୁହେଁ । ମାତ୍ର ମୁଁ ଯେବେ ଚାଲିଯିବି ସେତେବେଳେ ଅଲ୍ଲାଃ ତୁମମାନଙ୍କ ପାଇଁ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିବେ ଯାହା ତୁମମାନଙ୍କ ସଙ୍ଗରେ ସର୍ବଦା ରହିବ ।

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

''ଖଲିଫା ଉତରାଧିକାରୀକୁ କୁହାଯାଏ । ପ୍ରକୃତ ଅର୍ଥରେ ରସୁଲମାନଙ୍କର ଉତରାଧିକାରୀ ସେ ହିଁ ହୋଇପାରିଥାଏ ଯେକି ରସୁଲଙ୍କ ଦକ୍ଷତା ଗୁଡ଼ିକୁ ଅନୁରୂପ ହୋଇ ନିଜ ମଧ୍ୟରେ ରଖିଥାଏ । ସେଥି ଯୋଗୁଁ ରସୁଲେ କରିମ[ସ.ଅ] ଏହା ଚାହିଁ ନଥିଲେ ଯେ ନିଷ୍ଠୁର ରାଜା ମାନଙ୍କ ସହ ଖଲିଫା ଶବ୍ଦ ପ୍ରୟୋଗ କରାଯାଉ । କାରଣ ଖଲିଫା ବାସ୍ତବରେ ରସୁଲଙ୍କ ଅନୁରୂପ ହୋଇଥାନ୍ତି । ଯେହେତୁ କୌଣସି ମନୁଷ୍ୟ ପକ୍ଷେ ଚିରକାଳ ପର୍ଯ୍ୟନ୍ତ ଜୀବିତ ରହିବା ସମ୍ଭବ ନୁହେଁ ସେଥି ଯୋଗୁଁ ଅଲ୍ଲାଃତାଲା ଇଚ୍ଛା କଲେ ଯେ ରସୁଲ ମାନଙ୍କ ଅସ୍ତିତ୍ୱକୁ ଯାହାକି ସମସ୍ତ ସଂସାରର ଅସ୍ତିତ୍ୱ ଠାରୁ ଉତ୍କୃଷ୍ଟ ଓ ମହାନ ଅଟେ, ପ୍ରତିବିମ୍ବ ସ୍ୱରୂପ ପ୍ରଳୟ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ସ୍ଥାପିତ ରଖୁ । ତେଣୁ ଏହି ଉଦ୍ଦେଶ୍ୟ ନେଇ ଅଲ୍ଲାଃତାଲା ଖିଲାଫତକୁ ମନସ୍ଥ କଲେ ଯଦ୍ଦ୍ୱାରା ସଂସାର କେବେ ହେଲେ ଏବଂ କୌଣସି କାଳରେ ବି ରସୁଲଙ୍କ ସମୃଦ୍ଧିରୁ ବଂଚିତ ନରହୁ ।''(ଶାହାଦତୁଲ୍ କୁରଆନ୍,ରୁହାନୀ ଖଜାଏନ୍,ଖଣ୍ଡ-୬,ପୃଷ୍ଠା-୩୫୩)

ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା । ସେ ଯେଉଁ ସମୟରୁ ଭୂପୃଷ୍ଠରେ ମଣିଷ ସୃଷ୍ଟି କରିଛନ୍ତି ସେହି ସମୟରୁ ଏହି ପରମ୍ପରାକୁ ସର୍ବଦା ପ୍ରକଟିତ କରି ଚାଲିଛନ୍ତି । ସେ ଆପଣା ଅବତାର(ନବୀ ଓ ରସୁଲ)ମାନଙ୍କୁ ସହାୟତା ପ୍ରଦାନ କରି ଆସୁଛନ୍ତି ଓ ସେମାନଙ୍କୁ ବିଜୟମଣ୍ଡିତ କରୁଛନ୍ତି । ପୁନଶ୍ଚ ଅଲ୍ଲାଃ କୁହନ୍ତି, ''କତବଲ୍ଲାହୁ ଲଅଗ୍‌ଲେବନ୍ନା ଅନା ଓ୍ୱ ରୁସୁଲି''**(ସୁରାଃ ମୁଜାଦିଲା-୨୨)**ଅର୍ଥାତ୍ ସେ ଓ ତାହାଙ୍କର ନବୀ ବିଜୟୀ ହେବେ ବୋଲି ଅଲ୍ଲାଃ ଲିପିବଦ୍ଧ କରି ଦେଇଛନ୍ତି । 'ବିଜୟମଣ୍ଡିତ କରୁଛନ୍ତି'ର ମର୍ମ ହେଉଛି, ଯେପରି ନବୀ ରସୁଲମାନେ ଏ ପ୍ରକାର କାମନା କରିଥାନ୍ତି ଯେ ଅଲ୍ଲାଃଙ୍କର କଥନ ଭୂପୃଷ୍ଠରେ ସତ୍ୟ ପ୍ରତିପାଦିତ ହେଉ ଏବଂ ଏହାର ପ୍ରତିବାଦ କରିବାକୁ କେହି ସକ୍ଷମ ନହେଉ, ସେହିପରି ଅଲ୍ଲାଃତାଲା ଅପ୍ରତିହତ ନିଦର୍ଶନ ଦ୍ୱାରା ସେମାନଙ୍କର ସତ୍ୟତାକୁ ପ୍ରକଟିତ କରିଥାନ୍ତି । ଫଳରେ ଯେଉଁ ସତ୍ୟତାକୁ ସେମାନେ ପୃଥିବୀରେ ପ୍ରସାରିତ କରିବାକୁ ଚାହାନ୍ତି, ସେହିମାନଙ୍କ ହାତରେ ସେ ତାହାରି ବୀଜ ବପନ କରାନ୍ତି । କିନ୍ତୁ ତାହାର ସଂପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସେମାନଙ୍କ ଦ୍ୱାରା କରାଇ ନ ଥାନ୍ତି ଏବଂ ଏପରି ସମୟରେ ସେମାନଙ୍କ ଜୀବନଦୀପକୁ ନିର୍ବାପିତ କରାଇ, ଯାହା ମଧ୍ୟରେ ପ୍ରକାଶ୍ୟରେ ଏକ ବ୍ୟର୍ଥତାବ୍ୟଞ୍ଜକ ଭୟ ସଂଶ୍ଳିଷ୍ଟ ଥାଏ । ବିରୋଧିମାନେ ଯେପରି ଟାହିଟାପରା, ଉପହାସ ଓ ନିନ୍ଦା କରିବାର ସୁଯୋଗ ଲାଭ କରିବେ ସେପରି ଅବସର ଦିଅନ୍ତି । ଯେତେବେଳେ ସେମାନଙ୍କ ଉପହାସ, ଥଟ୍ଟା ଆଦି କାର୍ଯ୍ୟ ସମାପିତ ହୁଏ ସେତେବେଳେ ସେ ପୁନଶ୍ଚ ଏକ ନୂତନ ଶକ୍ତି ପ୍ରଦର୍ଶନ କରି ଏପରି ସାଧନ ସୃଷ୍ଟି କରନ୍ତି ଯାହା ମାଧ୍ୟମରେ ଯେଉଁ ସବୁ ଉଦ୍ଦେଶ୍ୟ ଯେତିକି ପରିମାଣରେ ଅପୂରଣୀୟ ରହିଯାଇଥାଏ ସେହି ସବୁ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ସାଧିତ ହୁଏ ।

ବସ୍ତୁତଃ ସେ ଦୁଇ ପ୍ରକାର ଶକ୍ତି ପ୍ରଦର୍ଶନ କରିଥାଆନ୍ତି ଯଥା:- ପ୍ରଥମତଃ ନବୀମାନଙ୍କ ହସ୍ତରେ ନିଜେ ଆପଣା ଶକ୍ତିର ପ୍ରଦର୍ଶନ କରାନ୍ତି ଓ ଦ୍ୱିତୀୟତଃ ଯେବେ ନବୀଙ୍କର ଦେହାବସାନ ପରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୁଏ, ଶତ୍ରୁମାନେ ବଳଶାଳୀ ହୁଅନ୍ତି ଓ ଭାବନ୍ତି ଯେ ଏବେ ତାଙ୍କ କାର୍ଯ୍ୟକ୍ରମ ଫସର ଫାଟିଗଲା, ଯାହା ଫଳରେ ଏବେ ସେହି ସମ୍ପ୍ରଦାୟ ଲୋପ ପାଇଯିବ ବୋଲି ସେମାନଙ୍କର ବିଶ୍ୱାସ ଜନ୍ମେ, ଏପରିକି ସମ୍ପ୍ରଦାୟଭୁକ୍ତ ଲୋକମାନେ ମଧ୍ୟ ବ୍ୟସ୍ତ ବିବ୍ରତ ହୋଇ ପଡ଼ନ୍ତି ତଥା ସେମାନଙ୍କ ନିଜ ଶକ୍ତି ହ୍ରାସ ପାଏ ଓ ସେମାନଙ୍କ ମଧ୍ୟରୁ କେତେକ ଅଭାଗା ସ୍ୱଧର୍ମ ତ୍ୟାଗ କରିବା ପଥକୁ ଆଦରି ନିଅନ୍ତି, ସେତେବେଳେ ଅଲ୍ଲାଃ ଦ୍ୱିତୀୟ ଥର ପାଇଁ ନିଜର ସର୍ବଶ୍ରେଷ୍ଠ ପରାକ୍ରମ ପ୍ରଦର୍ଶନ କରନ୍ତି ଓ ପତନୋନ୍ମୁଖୀ ସମ୍ପ୍ରଦାୟକୁ ସମ୍ଭାଳି ନିଅନ୍ତି । ତେଣୁ ଯେଉଁ ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟଧାରଣ କରିବ ସେ ଅଲ୍ଲାଃଙ୍କର ଏହି ଅଲୌକିକ କାର୍ଯ୍ୟଧାରାକୁ ସଂଦର୍ଶନ କରିବ । ଦୃଷ୍ଟାନ୍ତ ସ୍ୱରୂପ, ସତ୍ୟବାଦୀ ହଜରତ ଅବୁବକର[ର.ଅ]ଙ୍କ ସମୟ କଥା ନିଆଯାଉ । ଯେତେବେଳେ ଲୋକମାନେ ହଜରତ ମୁହମ୍ମଦ[ସ.ଅ]ଙ୍କ ଦେହାବସାନକୁ ଏକ ଅକାଳ ମୃତ୍ୟୁ ବିବେଚନା କଲେ ସେତେବେଳେ ଅନେକ ଅଜ୍ଞ ବନବାସୀ ସ୍ୱଧର୍ମ ତ୍ୟାଗ କରି ଚାଲିଗଲେ ଓ ମହାପୁରୁଷ ମୁହମ୍ମଦ[ସ.ଅ]ଙ୍କ ସହଚର (ସାହାବା)ମାନେ ମଧ୍ୟ ଦୁଃଖରେ ଅଭିଭୂତ ହୋଇ ପାଗଳପ୍ରାୟ ବ୍ୟବହାର ପ୍ରଦର୍ଶନ କଲେ । ସେତେବେଳେ ଅଲ୍ଲାଃତାଲା ହଜରତ ଅବୁବକର[ର.ଅ]ଙ୍କୁ ମନୋନୀତ କରି ପୁନର୍ବାର ନିଜ ଶକ୍ତି ପ୍ରଦର୍ଶନ କଲେ ଓ ଲୁପ୍ତ ପ୍ରାୟ ଇସଲାମ ଧର୍ମକୁ ରକ୍ଷା କରି ନିଜ ପ୍ରତିଶ୍ରୁତି ପୂରଣ କଲେ । **ଓ୍ୱଲ ୟୁମକ୍କେନନ୍ନା ଲହୁମ୍ ଦି ନହୁମୁଲ୍ ଲଜିର୍ ତଜା ଲହୁମ୍ ଓ୍ୱଲ ୟୁବଦ୍ଦେଲନ୍ନହୁମ୍ ମିମ୍ବାଦେଖୌଫେହିମ୍ ଅମନା ।** (ଅଲ୍ ନୁର୍-୫୬)ଅର୍ଥାତ୍ ଭୟାତୁର ପରିସ୍ଥିତି ଉତାରୁ ଆମ୍ଭେ ସେମାନଙ୍କ ପାଦକୁ ସୁଦୃଢ଼ କରିଦେଲୁ ।''**(ଅଲ୍ ଓ୍ୱସିଅନ୍,ରୁହାନୀ ଖଜାଏନ୍,ଖଣ୍ଡ-୨୦,ପୃଷ୍ଠା-୩୦୪-୩୦୫)**

''ତେଣୁ ହେ ବନ୍ଧୁଗଣ ! ପ୍ରାଚୀନ କାଳରୁ ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା ଚାଲି ଆସୁଅଛି । ଅର୍ଥାତ୍ ଅଲ୍ଲାଃତାଲା ଏପରି ଦୁଇଗୋଟି ପରାକ୍ରମ ପ୍ରଦର୍ଶନ କରନ୍ତି ଯାହା ଫଳରେ ବିରୋଧିମାନଙ୍କର ଦୁଇଗୋଟି ତଥାକଥିତ ଉଲ୍ଲାସକୁ ସେ ପଦଦଳିତ କରିଦିଅନ୍ତି,ଏଣୁ ବର୍ତମାନ ମଧ୍ୟ ଅଲ୍ଲାଃତଲା ନିଜର ପ୍ରାଚୀନ ପରମ୍ପରାକୁ କେବେ ପରିତ୍ୟାଗ କରିବେ ନାହିଁ । ତେଣୁ ମୁଁ ତୁମମାନଙ୍କ ନିକଟରେ ଯେଉଁ ବିଷୟ ବର୍ଣ୍ଣନା କରିଛି ସେଥିପାଇଁ ଦୁଃଖିତ ହୁଅ ନାହିଁ ଏବଂ ତୁମମାନଙ୍କ ହୃଦୟ ବ୍ୟସ୍ତ ବିବ୍ରତ ନହେଉ କାରଣ ତୁମମାନଙ୍କ ପକ୍ଷରେ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ପରାକ୍ରମକୁ ଦେଖିବା ଅନିବାର୍ଯ୍ୟ ଅଟେ । ତାହାର(ଦ୍ୱିତୀୟ ପରାକ୍ରମର)ଆଗମନ ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ । କାରଣ ତାହା ଚିରସ୍ଥାୟୀ, ଯାହାର କ୍ରମ ପ୍ରଳୟ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବ ନାହିଁ । ପୁନଶ୍ଚ ମୋର ପ୍ରସ୍ଥାନ ନହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବ ନୁହେଁ । ମାତ୍ର ମୁଁ ଯେବେ ଚାଲିଯିବି ସେତେବେଳେ ଅଲ୍ଲାଃ ତୁମମାନଙ୍କ ପାଇଁ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିବେ ଯାହା ତୁମମାନଙ୍କ ସଙ୍ଗରେ ସର୍ବଦା ରହିବ । ଯେପରି ଏ ସଂକ୍ରାନ୍ତରେ ପ୍ରତିଶ୍ରୁତି 'ବରାହୀନେ ଅହମଦୀୟା' ପୁସ୍ତକରେ ଲିପିବଦ୍ଧ ହୋଇଅଛି । ସେହି ପ୍ରତିଶ୍ରୁତି ବ୍ୟକ୍ତିଗତ ଭାବରେ ମୋ ସମ୍ପର୍କରେ ଦିଆଯାଇ ନାହିଁ ବରଂ ତାହା ତୁମମାନଙ୍କ ସମ୍ପର୍କରେ ଦିଆଯାଇଛି । ଅଲ୍ଲାଃତାଲା ଏ ସମ୍ପର୍କରେ କହିଛନ୍ତି, ଆମ୍ଭେ ପ୍ରଳୟ ପର୍ଯ୍ୟନ୍ତ ତୁମର ଅନୁଗାମୀ ଗୋଷ୍ଠୀ (ଜମାତ)କୁ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ପ୍ରଦାନ କରିବୁ । ତେଣୁ ତୁମମାନଙ୍କ ଠାରୁ ମୋର ବିଦାୟ ଅନିବାର୍ଯ୍ୟ ଅଟେ ଏବଂ ଏହାପରେ ହିଁ ପ୍ରତିଶ୍ରୁତ ସ୍ଥାୟୀ ଦିବସଟି ଆସିବ । ଆମର ସେହି ଅଲ୍ଲାଃ ପ୍ରତିଶ୍ରୁତି ଦେବାରେ ନିଷ୍ପାପର, ବିଶ୍ୱସନୀୟ ଏବଂ ସତ୍ୟନିଷ୍ଠ ଅଟନ୍ତି । ସେ ଯେଉଁ ଯେଉଁ ବିଷୟରେ ପ୍ରତିଶ୍ରୁତି ଦେଇଛନ୍ତି ସେ ସବୁ ତୁମମାନଙ୍କ ନିକଟରେ ପ୍ରଦର୍ଶନ କରିବେ । ଯଦିଚ ଏହି ସମୟ ପୃଥିବୀର ଅନ୍ତିମ ସମୟ ଅଟେ ଓ ଏହି ସମୟ ମଧ୍ୟରେ ବହୁବିଧ ବିପତିର ଅବତରଣ ଅବଶ୍ୟମ୍ଭାବୀ,ତଥାପି ଅଲ୍ଲାଃ ଯେଉଁ ସବୁ ବିଷୟରେ ଜଣେଇ ଦେଇଛନ୍ତି ସେ ସବୁ ନ ଘଟିବା ପର୍ଯ୍ୟନ୍ତ ଏହି ପୃଥିବୀ ଅବଶ୍ୟ ତିଷ୍ଠି ରହିବ । ଅଲ୍ଲାଃଙ୍କ ତରଫରୁ ଏକ ଶକ୍ତି ସ୍ୱରୂପ ମୋର ଆବିର୍ଭାବ ହୋଇଛି । ମୁଁ ଅଲ୍ଲାଃଙ୍କର ଏକ ମୂର୍ତିମନ୍ତ ଶକ୍ତି ଅଟେ । ମୋ ଅନ୍ତେ ଅନ୍ୟ କେତେକ ଦେହଧାରୀ ଜନ୍ମ ଗ୍ରହଣ କରିବେ । ସେମାନଙ୍କ ରୂପରେ ଦ୍ୱିତୀୟ ଶକ୍ତି ପ୍ରଦର୍ଶିତ ହେବ । ତେଣୁ ତୁମେମାନେ ଅଲ୍ଲାଃଙ୍କର ଦ୍ୱିତୀୟ ଦିବ୍ୟଶକ୍ତିର ପ୍ରତିକ୍ଷା କରିବାରେ ସମବେତ ହୋଇ ପ୍ରାର୍ଥନା କରୁଥାଅ ।''**(ଅଲ୍ ଓ୍ୱସିଅତ୍,ରୁହାନୀ ଖଜାଏନ୍,ଖଣ୍ଡ-୨୦,ପୃଷ୍ଠା-୩୦୫-୩୦୬)**

ପ୍ରିନ୍‌ଟର ଓ ପବ୍ଲିସର୍: ଜମିଲ ଅହମଦ ନାସିର, ଫଜଲେ ଉମର ପ୍ରିନ୍‌ଟିଙ୍ଗ ପ୍ରେସ୍,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ

# ସମ୍ପାଦକୀୟ......

## ମହାମାନବ ହଜରତ ମୁହମ୍ମଦ[ସ.ଅ] ଙ୍କ ମହିମା

ଅଲ୍ଲାଃତାଲା ପବିତ୍ର କୋରାନରେ ସମସ୍ତ ମାନବ ଜାତି ପାଇଁ ହଜରତ ମୁହମ୍ମଦ[ସ.ଅ]ଙ୍କୁ ଏକ ରୋଲମଡ଼ଲ ରୂପେ ଉପସ୍ଥାପନ କରିଛନ୍ତି । ତଥା ହଜରତ ମୁହମ୍ମଦ[ସ.ଅ]ଙ୍କ ଜୀବନାଦର୍ଶକୁ ଅବଲମ୍ବନ କରିବା ପାଇଁ ଉପଦେଶ ଦେଇଛନ୍ତି । ସୁତରାଂ ଅଲ୍ଲାଃତାଲା କୁହନ୍ତି; **''ଲକଦ୍ କା'ନା ଲକୁମ୍ ଫି' ରସୁଲିଲ୍ଲାଃହେ ଉସଓ୍ବତୁନ୍ ହସନତୁଲ୍ ଲେମନ୍ କା'ନା ୟରଜୁଲ୍ଲାଃହା ୱଲ୍ ୟୌମଲ୍ ଆ'ଖିରା ୱ ଜକରଲ୍ଲାହା କସିରା''**

**(ଅଲ୍ ଅହଜାବ୍-୨୨)**

ଅର୍ଥାତ୍ ତୁମମାନଙ୍କ ସକାଶେ (ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ )ଯେଉଁମାନେ ଅଲ୍ଲାଃଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରନ୍ତି ଅଲ୍ଲାଃଙ୍କ ରସୁଲଙ୍କ ଠାରେ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି(ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ଉଚିତ୍ ) । ହଜରତ ମୁହମ୍ମଦ[ସ.ଅ]ଙ୍କ ଆଧ୍ୟାତ୍ମିକ ଜୀବନ ଓ ତାଙ୍କ ନବୀ ହେବାର ଉପକାର ଚିରକାଳିକ ହେବାର ଏହା ଏକ ବୃହତ ପ୍ରମାଣ ଯେ, ଅଲ୍ଲାଃଙ୍କ ପ୍ରେମ ଏବଂ ତାହାଙ୍କ ସାନ୍ନିଧ ଲାଭ ନିମନ୍ତେ ପ୍ରତ୍ୟେକ ମନୁଷ୍ୟ ପକ୍ଷେ ହଜରତ ମୁହମ୍ମଦ[ସ.ଅ]ଙ୍କ ଆନୁଗତ୍ୟ ସ୍ୱୀକାର କରିବା ନିତ୍ୟାନ୍ତ ଆବଶ୍ୟକ । କିନ୍ତୁ ବର୍ତ୍ତମାନ ସମୟରେ ମୁସଲମାନଙ୍କ ଆଚରଣ ଉପରେ ଦୃଷ୍ଟିପାତ କଲେ ଶୋଚନୀୟ ପରିସ୍ଥିତି ସାମ୍ନାକୁ ଆସେ ଯେ ସେମାନେ ହଜରତ ମୁହମ୍ମଦ[ସ.ଅ]ଙ୍କ ଆଦର୍ଶକୁ ତ୍ୟାଗ କରି ପୀର ଫକିରଙ୍କ ପଛରେ ଚାଲିଛନ୍ତି ତଥା ନିଜ ଇଚ୍ଛା ପୂରଣ ସକାଶେ ଜୀବିତ ଆଲୋକଙ୍କ ପରିବର୍ତ୍ତେ କବର ମଧ୍ୟେ ସମାଧିସ୍ଥ ବ୍ୟକ୍ତିଙ୍କ ପାଖେ ଗୁହାରୀ କରିବାରେ ଲାଗିଛନ୍ତି ।

ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା କହିଛନ୍ତି ;

'' କୌଣସି ମନୁଷ୍ୟ ଅଲ୍ଲାଃଙ୍କ ପ୍ରେମ ସମ୍ପୂର୍ଣ୍ଣ ଭାବେ ନିଜ ମଧ୍ୟେ ଜାଗ୍ରତ କରିପାରେନା ଯେପର୍ଯ୍ୟନ୍ତ ସେ ହଜରତ ମୁହମ୍ମଦ[ସ.ଅ]ଙ୍କ ଆଦର୍ଶ ଓ ରୀତି-ନୀତିକୁ ନିଜ ପାଇଁ ମାର୍ଗଦର୍ଶକ ରୂପେ ଗ୍ରହଣ କରେନାହିଁ । ଏ ବିଷୟରେ ସ୍ୱୟଂଅଲ୍ଲାଃ କହିଛନ୍ତି; **କୁଲ୍ ଇନ୍ କୁନ୍ତୁମ୍ ତୁହିବ୍ବୁ ନଲ୍ଲାହା ଫତ୍ ତବେଉନୀ ୟୁହ୍‌ବିବ୍‌କୋମୁଲ୍ଲାହ୍** । ଅର୍ଥାତ୍ ଅଲ୍ଲାଃଙ୍କ ପ୍ରିୟପାତ୍ର ହେବା ନିମନ୍ତେ ହଜରତ ମୁହମ୍ମଦ[ସ.ଅ]ଙ୍କ ଆନୁଗତ୍ୟ ସ୍ୱୀକାର କରିବା ଏକାନ୍ତ ଆବଶ୍ୟକ । ତା'ଙ୍କ ଉତ୍ତମ ଆଚରଣର ରଙ୍ଗ ନିଜ ମଧ୍ୟେ ସୃଷ୍ଟି କରିବା ହିଁ ବାସ୍ତବିକ ଆନୁଗତ୍ୟ ସ୍ୱୀକାର କରିବା ଅଟେ ।''**(ଅଲ୍ ହକମ୍,ପୃଷ୍ଠା ୬ -୮, ୩୧ ଜୁଲାଇ ୧୯୦୨)**

ହଜରତ ମୁହମ୍ମଦ[ସ.ଅ]ଙ୍କ ଜୀବିତ ହେବା ଓ ଜୀବନ ଦାୟକ ହିତସାଧକ ହେବାର ଏହା ଅନ୍ୟ ଏକ ବଳିଷ୍ଠ ପ୍ରମାଣ ଯେ ଅଲ୍ଲାଃ ଯାହାଙ୍କ ଠାରେ ସର୍ବଶକ୍ତି ସମାହିତ ଯେ ସ୍ୱୟଂ ଜୀବିତ ଓ ସଭିଙ୍କ ଜୀବନଦାତା,ସେ ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ[ସ.ଅ]ଙ୍କ ଆନୁଗତ୍ୟ ପ୍ରତିବଦଳେ ମନୁଷ୍ୟଙ୍କୁ ନିଜ ସହିତ ବାର୍ତାଳାପ କରିବାର ସୌଭାଗ୍ୟ ପ୍ରଦାନ କରନ୍ତି ଏବଂ ପ୍ରମାଣିତ କରନ୍ତି ଯେ ସେ ଏବେ ମଧ୍ୟ ନିଜ ପ୍ରିୟପାତ୍ରଙ୍କ ସହ ବାର୍ତାଳାପ କରନ୍ତି । ମାତ୍ର ଅନ୍ୟାନ୍ୟ ନବୀମାନଙ୍କ ଅନୁଗାମୀ ଏ ଦୃଷ୍ଟିରୁ ନିଜ ନିଜ ନବୀଙ୍କ ଆଧ୍ୟାତ୍ମିକ ଜୀବନର ପ୍ରମାଣ ଉପସ୍ଥିତ କରିବାରେ ଅକ୍ଷମ ।

ସଂସ୍ଥାପକ ଅହମଦୀୟା ମୁସଲିମ ଜମାତ ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ] କୁହନ୍ତି; ''ଆମ ଧର୍ମ ବିଶ୍ୱାସର ସାରାଂଶହେଉଛି, **'ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ'**ଅର୍ଥାତ୍ ଅଲ୍ଲାଃ ବ୍ୟତୀତ ଅନ୍ୟକେହି ଉପାସ୍ୟ ନାହିଁ ଓ ହଜରତ ମୁହମ୍ମଦ[ସ.ଅ] ତାଙ୍କର ବାର୍ତାବହ । ଆମେମାନେ ଏଇ ସଂସାରରେ ଥିବା ବେଳେ ଯେଉଁ ଧର୍ମ ବିଶ୍ୱାସ ଉପରେ ଆସ୍ଥା ସ୍ଥାପନ କରୁଁ ଏବଂ ପର ଲୋକକୁ ପ୍ରସ୍ଥାନ କରିବା ସମୟ ପର୍ଯ୍ୟନ୍ତ ଯେଉଁ ଧର୍ମବିଶ୍ୱାସକୁ ଆମେ ଦୃଢ଼ତାର ସହିତ ଧାରଣ କରିଥାଉଁ, ତା ହେଉଛି, ଆମମାନଙ୍କ ଆଧ୍ୟାତ୍ମିକ ନେତା ତଥା ମୁନିବ ହଜରତ ମୁହମ୍ମଦ[ସ.ଅ] ହେଉଛନ୍ତି 'ଅବତାରମାନଙ୍କ ମୋହର' ଏବଂ ସେ ହିଁ ବାର୍ତାବହମାନଙ୍କ ମଧ୍ୟରେ ସର୍ବୋକୃଷ୍ଟ । ତାହାଙ୍କ ହସ୍ତରେ ଧର୍ମ ପରିପୂର୍ଣ୍ଣତା ଲାଭ କରିଛି ଏବଂ ଅଲ୍ଲାଃଙ୍କ ଆଶୀର୍ବାଦ ସଂପୂର୍ଣ୍ଣ ହୋଇଛି,ଯାହା ମଣିଷକୁ ସତ୍‌ପଥରେ ପରିଚାଳିତ କରାଏ ଓ ଯାହା ଅଗ୍ରସର କରାଇ ତାକୁ ଅଲ୍ଲାଃଙ୍କ ନିକଟରେ ପହଂଚାଇ ଦିଏ ।''**(ଇଜାଲା ଔହାମ୍,ରୁହାନୀ ଖଜାଏନ୍,ଖଣ୍ଡ-୨୩,ପୃଷ୍ଠା-୧୭୦)**

ଅଣଅହମଦୀ ବିଦ୍ୱାନଙ୍କ ମଧ୍ୟେ,ଦାରୁଲ ୱଲୁମ୍ ଦେଓବନ୍ଦର ସଂଚାଳକ ସ୍ୱର୍ଗତ ଅଲ୍ ହାଜ୍ ମୌଲାନା କାରୀ ମୁହମ୍ମଦ ତୈୟବ୍ ମହୋଦୟ ଅତ୍ୟନ୍ତ ଦୀପ୍ତପ୍ରଜ୍ଞ ଏବଂ ବିବେକଶୀଳ ବିଦ୍ୱାନ ଥିଲେ । ସେ 'ଆଫ୍‌ତାବ୍-ଏ-ନବୁଓ୍ବତ୍' ନାମକ ନିଜ ପୁସ୍ତକରେ ହଜରତ ମୁହମ୍ମଦ[ସ.ଅ]ଙ୍କ ନବୀ ହେବା ବିଷୟରେ ସାରଗର୍ଭକ ବର୍ଣ୍ଣନା କରିଛନ୍ତି । ଉକ୍ତ ପୁସ୍ତକରେ ସେ ଲେଖିଛନ୍ତି; ''ହଜରତ ମୁହମ୍ମଦ[ସ.ଅ]ଙ୍କ ଶୋଭା ମାତ୍ର ନବୀ ହେବାର ଯୋଗ୍ୟତା ପ୍ରାପ୍ତ କରି ଆପଣଙ୍କ ନିକଟରେ ଉପସ୍ଥିତ ହେଲା ସେ ନବୀ ରୂପରେ ପରିଗଣିତ ହେଲା । 'ଖାତମ୍' (ଅର୍ଥାତ୍ ମୋହର)ର ଏହା ହିଁ ଶୋଭା । ....ହଜରତ ମୁହମ୍ମଦ[ସ.ଅ]ଙ୍କ ଉକ୍ତ ମଙ୍ଗଳକାରୀ ଏବଂ ନବୀପଦମର୍ଯ୍ୟାଦାର ଉକ୍ତ ବିଶେଷତା ମନୁଷ୍ୟ ସୃଷ୍ଟିର ଆରମ୍ଭରୁ ନେଇ ମହାପ୍ରଳୟ ପର୍ଯ୍ୟନ୍ତ ବିଦ୍ୟମାନ ।'' **(ଆଫ୍‌ତାବେ ନବୁଓ୍ବତ,ପୃଷ୍ଠା- ୧୦୯-୧୧୧)**

ଏପରି ମହାନ ଓ ଅତ୍ୟୁଚ୍ଚ ପଦ ହଜରତ ମୁହମ୍ମଦ[ସ.ଅ]ଙ୍କ ପୂର୍ବରୁ କୌଣସି ନବୀଙ୍କୁ ହୋଇନାହିଁ । ହଜରତ ମସିହ ମଉଦ[ଅ.ସ]ଙ୍କ କହିଛନ୍ତି; ''ମହିୟାନ ଅଲ୍ଲାଃ ହଜରତ ମୁହମ୍ମଦ[ସ.ଅ]ଙ୍କୁ 'ଖାତମ୍' ରୂପରେ ବିଭୂଷିତ କଲେ । ଅର୍ଥାତ୍ ପୂର୍ଣ୍ଣତା ପ୍ରଦାନ କରିବା ନିମନ୍ତେ ତାଙ୍କୁ ମୋହରଦେଲେ । ଯାହା ଅନ୍ୟ କୌଣସି ନବୀଙ୍କୁ କଦାପି ଦିଆଯାଇ ନାହିଁ । ଏଥି ଯୋଗୁଁ ତାଙ୍କ ନାମ 'ଖାତମୁନ୍ ନବିୟୀନ୍'(ସମସ୍ତ ନବୀଙ୍କ ନିମନ୍ତେ ମୋହର)ଘୋଷିତ ହେଲା । ଅର୍ଥାତ୍ ତାଙ୍କ ଆନୁଗତ୍ୟ ନବୀପଦ ପ୍ରାପ୍ତ କରାଇଥାଏ ଏବଂ ତାଙ୍କ ଆଧ୍ୟାତ୍ମିକ କୃପାଦୃଷ୍ଟି ନବୀ ଉତ୍ପନ୍ନକାରୀ ଅଟେ । ଏପରି ପବିତ୍ର ଶକ୍ତି ଅନ୍ୟ କୌଣସି ନବୀଙ୍କୁ ମିଳି ନାହିଁ ।''

**(ହକିକତୁଲ୍ ୱହୀ,ରୁହାନୀ ଖଜାଏନ୍,ଖଣ୍ଡ-୨୨, ପୃଷ୍ଠା-୧୦୦ ଟୀକା)**

''ସେ ସର୍ବୋକୃଷ୍ଟ ଜ୍ୟୋତି,ଯାହା ସମ୍ପୂର୍ଣ୍ଣ ମାନବ ଜାତି ପ୍ରତି ପ୍ରେରଣ କରାଯାଇଥିଲା । ତାହା ଦେବଦୂତଗଣଙ୍କ ମଧ୍ୟରେ ନଥିଲା , ନକ୍ଷତ୍ର ମଧ୍ୟରେ ନଥିଲା , ଚନ୍ଦ୍ରମା ମଧ୍ୟରେ ନଥିଲା, ସୂର୍ଯ୍ୟ ମଧ୍ୟରେ ନଥିଲା, ତାହା ସାଗର ଓ ଝରଣା ମଧ୍ୟରେ ବି ନଥିଲା । ସେ ପଦ୍ମରାଗ ମଣି, ଦୁର୍ଲ୍ଲଭ ରତ୍ନ, ହୀରା,ନୀଳା ଓ ମୋତି ମାଣିକ ମଧ୍ୟରେ ବି ନଥିଲା । ତାହା କୌଣସି ଧରା ପୃଷ୍ଠର ଓ ଆକାଶର ଅଣୁ ପରମାଣୁରେ ନଥିଲା । ଏହା କେବଳ ମନୁଷ୍ୟ ଭିତରେ ଥିଲା ଅର୍ଥାତ୍ ଏକ ସମ୍ପୂର୍ଣ୍ଣ ମଣିଷର ସଂଚାରେ ଲୀନ ହୋଇଥିଲା ଓ ଏହି ସମ୍ପୂର୍ଣ୍ଣତା ଥିଲା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ । ସେହି ଶ୍ରେଷ୍ଠତମ ମଣିଷ ହେଉଛନ୍ତି ହଜରତ ମୁହମ୍ମଦ[ସ.ଅ] । ତେଣୁ ସେହି ଦିବ୍ୟ ଜ୍ୟୋତି ହଜରତ ମୁହମ୍ମଦ[ସ.ଅ]ଙ୍କୁ ସମର୍ପିତ କରାଯାଇଥିଲା । ସେହି ଶ୍ରେଣୀୟ ସମସ୍ତ ସମପ୍ରତିଭାର ଅଧିକାରୀ ଅର୍ଥାତ୍ ଯେଉଁମାନେ ଏପରି ପ୍ରତିଭାରେ ପ୍ରତିଭାନ୍ୱିତ ହୋଇ ଦେଖାଇଥିଲେ । ଏହି ସମ୍ପୂର୍ଣ୍ଣ, ସର୍ବୋଚ୍ଚ ଓ ସର୍ବୋକୃଷ୍ଟ ମହିମାର ଅଧିକାରୀ ହେବାର ସୌଭାଗ୍ୟ କେବଳ ଆମ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ମଧ୍ୟରେ ନିହିତ ଅଛି । ''

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଖଣ୍ଡ-୫,ପୃଷ୍ଠା- ୧୬୦-୧୬୧)**

ଅନ୍ତରାଷ୍ଟ୍ରୀୟ ଅହମଦୀୟା ମୁସଲିମ ସମ୍ପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ[ଅ.ବ] କୁହନ୍ତି; ''ଆମେ ଉଚ୍ଚ ସ୍ୱରରେ ଘୋଷଣା କରୁଅଛୁ କି ଇସଲାମୀୟ ମସିହଙ୍କ ଆଗମନ ଦ୍ୱାରା ହିଁ ହଜରତ ମୁହମ୍ମଦ[ସ.ଅ]ଙ୍କ 'ଖାତମ୍' ପଦର ମର୍ଯ୍ୟାଦା ବୃଦ୍ଧି ହୋଇଅଛି । ତାଙ୍କ ଅନୁଗାମୀଙ୍କ ମଧ୍ୟୁଁ କାହାରିକୁ ଏପରି ଉଚ୍ଚ ପଦ ମିଳିବା ତାଙ୍କ ଶ୍ରେଷ୍ଠ ମହିମାର ପ୍ରକାଶ ଅଟେ । ଏ ସଂପର୍କରେ ହଜରତ ମସିହ ମଉଦ[ଅ.ସ] ନିଜ କବିତାରେ ବର୍ଣ୍ଣନା କରନ୍ତି;

**ବର୍‌ତର୍ ଗୁମାନ୍ ଓ ୱହମ୍ ସେ ଅହମଦ କି ଶାନ୍ ହୈ ।**
**ଜିସ୍‌କା ଗୁଲାମ୍ ଦେଖୋ ମସିହୁଜ୍ ଜମାନ୍ ହୈ ॥ ''**

ଅର୍ଥାତ୍ ହଜରତ ମୁହମ୍ମଦ[ସ.ଅ]ଙ୍କ ମହିମା କଳ୍ପନାରୁ ଉର୍ଦ୍ଧ୍ୱରେ ଯାହାଙ୍କ ଦାସକୁ ଦେଖ ସେ ଏ ଯୁଗର ମସିହ ମଉଦ ଅଟେ । ସୁତରାଂ ଏହି ଶିକ୍ଷାକୁ ହୃଦୟରେ ଜାବୁଡ଼ି ଧରି ହଜରତ ମୁହମ୍ମଦ[ସ.ଅ]ଙ୍କ ଶ୍ରେଷ୍ଠତମ ମହିମାକୁ ପ୍ରତିଷ୍ଠା କରିବା ପାଇଁ ଆମେ ସତତ ଚେଷ୍ଟିତ ।

(ସମାପନ ଭାଷଣ , ଜଲସା ସାଲାନା ଜର୍ମାନୀ ,୨୭ ଜୁନ୍୨୦୧୦)

ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ] କୁହନ୍ତି;

''ମୁଁ ସେ ପବିତ୍ର ଓ ମହାପ୍ରତାପୀ ଅଲ୍ଲାଃଙ୍କୁ କିପରି କୃତଜ୍ଞତା ଜ୍ଞାପନ କରିବି ଯେ ମୋତେ ନିଜ ପ୍ରିୟନବୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସହପ୍ରେମକରିବା ଏବଂ ତାଙ୍କ ଅନୁଗାମୀହେବାର ସୌଭାଗ୍ୟ ପ୍ରଦାନକଲେ । ପୁଣି ଉକ୍ତ ପ୍ରେମ ଓ ଅନୁଗମନର ଆଧ୍ୟାତ୍ମିକ ଉପହାର ମଧ୍ୟୁଁ ଯାହା ବାସ୍ତବିକ ଈଶ୍ୱର ଭୟ ଓ ବାସ୍ତବିକ ଆକାଶୀୟ ନିର୍ଦ୍ଦଶନମାନ ଅଟନ୍ତି,ପୂର୍ଣ୍ଣ ଭାଗ ପ୍ରଦାନ କରି ମୋ ପାଇଁ ସ୍ପଷ୍ଟ କରିଦେଲେ ଯେ ଆମ୍ଭର ସେ ପ୍ରିୟ ନବୀଶ୍ରେଷ୍ଠ ମୃତ ନୁହଁନ୍ତି ବରଂ ଅତ୍ୟୁଚ୍ଚ ଆକାଶରେ ନିଜ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଦକ୍ଷିଣ ପାର୍ଶ୍ୱରେ ମହାନ ଓ ଦୀପ୍ତିମାନ ସିଂହାସନ ଉପରେ ବିରାଜିତ । ''

**ଅଲ୍ଲାଃହୁମ୍ମା ସ୍ୱଲ୍ଲେ ଆଲେହି ଓ ବାରିକ୍ ୱ ସଲ୍ଲିମ୍ ଇନ୍ନଲ୍ଲାହା ୱ ମଲାଇକାତହୁ ୟୁସଲ୍ଲୁନା ଅଲନ୍ ନବିଏ ୟା ଆୟୋହଲ୍ଲଜିନା ଆମନୁ ସଲ୍ଲୁ ଆଲେହି ୱ ସଲ୍ଲିମୁ ତସ୍‌ଲିମା ।**

ଅର୍ଥାତ୍ ହେ ଅଲ୍ଲାଃ ! ତୁମେସେ ନବୀଙ୍କ ଉପରେ ଶାନ୍ତି ବର୍ଷଣ କର ଓ ତାଙ୍କୁ ସମୃଦ୍ଧି ପ୍ରଦାନକର । ଅଲ୍ଲାଃ ଓ ତାହାଙ୍କ ଦେବଦୂତମାନେ ବାସ୍ତବରେ ସେ ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି । ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ ମଧ୍ୟ ସେ ନବୀଙ୍କ ପ୍ରତି ଅଲ୍ଲାଃଙ୍କ ଆଶୀର୍ବାଦ ଭିକ୍ଷାକର ।

**ସହ-ସମ୍ପାଦକ**
**ମୌ: ଫଜଲ୍ ହକ୍ ଖାନ୍**
**ମୋ:୯୪୩୭୬୪୫୬୬୭**

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

# ଖୁତ୍‌ବା ଜୁମା

- ସଂସାରରେ ଅନେକ ଲୋକ ଏପରି ଥାନ୍ତି ଯେ ଅଯଥା ଓ ନିରର୍ଥକ କଥା କହିଥାନ୍ତି । କେତେକ ଲୋକେ ଥଟ୍ଟା ପରିହାସରେ ଏପରି କାହାକୁ ଅଯଥା କଥା କହି ଦେଇଥାନ୍ତି ଯଦ୍ଦ୍ୱାରା ଝଗଡା ଓ ସମସ୍ୟା ଉପୁଜି ଯାଇଥାଏ । ଅନେକ ସମୟରେ ବୈଠକମାନଙ୍କରେ ଏପରି ମୂଲ୍ୟହୀନ ଓ ନିରର୍ଥକ ଚର୍ଚ୍ଚା ଚାଲିଥାଏ ଯେଉଁଥିରେ ସମୟ ନଷ୍ଟ କରିବା ଛଡା ଅନ୍ୟ କିଛି ଲାଭ ହୋଇନଥାଏ । କେବଳ ଅନ୍ୟକୁ କଷ୍ଟ ଦେଲା ଭଳି କଥାର ଚର୍ଚ୍ଚା ଚାଲିଥାଏ । ଶବ୍ଦ 'ଲଗ୍ୱ'ର ଅର୍ଥ ନିରର୍ଥକ ଏବଂ ମୂଲ୍ୟହୀନ ବାର୍ତ୍ତାଳାପ ଅଥବା ନ ବୁଝି ନ ସୁଝି କଥା କହିଦେବା । ଅନାବଶ୍ୟକ ଏବଂ ମୁର୍ଖାମୀ ଭଳି କଥା କହିଦେବା । ପବିତ୍ର କୋରାନରେ ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ (ପୁନ୍ୟବାନ ମାନଙ୍କୁ)ଏପରି ଲଗ୍ୱ (ଅନାବଶ୍ୟକ)କଥନରୁ ନିବୃତ ରହିବା ପାଇଁ ଆଦେଶ ଦେଇଛନ୍ତି ।
- ଅତଏବ ଜଣେ ମୋମିନ ନିଜ ଆଚରଣ,ବ୍ୟବହାର ଦ୍ୱାରା, ଅନ୍ୟର ସହଯୋଗୀ ହେବାରେ, ପରୋପକାର କରିବା ସହ ନିଜର ସମ୍ମାନ ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।
- କେତେକ ବ୍ୟକ୍ତି ସାଧାରଣ ତ୍ୟାଗ କରି ଭାବି ନେଇଥାନ୍ତି ଯେ ଆମେ ବହୁତ କିଛି କରି ନେଲୁ । ଅଥବା କେତେକ ଏପରି ବି ହୋଇଥାନ୍ତି ଯେଉଁମାନେ ବିନା ତ୍ୟାଗରେ ନିଜ ଭାବନାରେ ତ୍ୟାଗୀ ହୋଇ ଯାଇଥାନ୍ତି । ଅଥବା ପରୋପକାରୀ ହୋଇଯାଆନ୍ତି ।
- ପ୍ରତ୍ୟେକ ମୁବଲ୍ଲିଗଙ୍କୁ ଦରକାର ଯେ ସେ ଭୌଗୋଳିକ,ଐତିହାସିକ, ଗାଣିତିକ, ବୈଦ୍ୟକ,ଆଦର୍ଶ ,କଥାବାର୍ତ୍ତା,ସଭା ଆଦର୍ଶ ଇତ୍ୟାଦିର ଜ୍ଞାନ ସେତିକି ମାତ୍ରାରେ ରଖିବା ଉଚିତ୍ । ଯାହା ଭଦ୍ର ସଭାରେ ସାମିଲ ହେବା ପାଇଁ ଆବଶ୍ୟକ ଅଟେ । ଏହା ଏତେ କଷ୍ଟସାଧ୍ୟ ମଧ୍ୟ ନୁହେଁ । ଟିକିଏ ଚେଷ୍ଟା କଲେ ଏସବୁ ସହଜରେ ଶିଖି ହୋଇପାରିବ । ତେଣୁ ଯେକୌଣସି ସଭାରେ ଯୋଗଦେବା ପୂର୍ବରୁ ସେହି ସଭା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ଓ ଅନ୍ୟାନ୍ୟ ଖବର ହାସଲ କରି ଯୋଗଦେବା ଉଚିତ୍ ।
- ଆମେ ଅହମଦି ଯାହାର ଆମେ ଦାବୀ କରୁଛେ କି ହଜରତ ମସିହ ମଉଦ[ଅ.ସ]ଙ୍କୁ ଗ୍ରହଣ କରି ଆମେ ପ୍ରକୃତ ଇସଲାମୀ ଶିକ୍ଷା ଅନୁଯାୟୀ ଜୀବନ ଅତିବାହିତ କରିବା ଉଚିତ୍ । ଆମେ ଏପରି ଜୀବନ ନିର୍ବାହ କରିବାକୁ ହେଲେ ଅଲ୍ଲାଃତାଲାଙ୍କ ଆଡ଼କୁ ଚାହିଁବାକୁ ହେବ । ତାହାରି ଠାରେ ସଂପର୍କ ସଂଯୋଗ କରିବାକୁ ହେବ ।
- ପ୍ରଗତିର ପଥ ଏହା ହିଁ ଅଟେ ଯେ ମନୁଷ୍ୟ ନିଜକୁ ଅଲ୍ଲାଃଙ୍କ ହାତରେ ସମର୍ପିତକରିଦେଉ । ସେ ଯେଉଁ ଆଡ଼କୁ ନେବାକୁ ଚାହିଁବ ସେହି ଆଡ଼କୁ ଚାଲିଯିବା ।
- ଯେଉଁମାନେ ସଠିକ୍ ଭାବରେ ନମାଜ ପାଠ କରିନଥାନ୍ତି ଏବଂ ସଂସାର ଅପେକ୍ଷା ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଶ୍ରୁତି ପ୍ରତି ଯତ୍ନବାନ ନୁହନ୍ତି । ସେମାନଙ୍କୁ ନିଜ ଅବସ୍ଥାର ଅନୁଧ୍ୟାନ କରିବା ଉଚିତ । ଯେଉଁମାନେ ଏହି (ପାଶ୍ଚାତ୍ୟ)ଦେଶକୁ ଆସି ନିଜ ଅସିବାର ଲକ୍ଷ ଭୁଲି ଯାଇଛନ୍ତି ଯାହା କେବଳ ଅହମଦୀୟତ ଯୋଗୁଁ ସେମାନଙ୍କୁ ଏଠାରେ ସବୁକିଛି ମିଳିଲା । ସେଥିପାଇଁ ସେମାନଙ୍କୁ ଜମାତ୍‌ର ଅଧିକରୁ ଅଧିକ ସେବାରେ ସର୍ବଦା ତତ୍ପର ରହିବା ଉଚିତ । କିନ୍ତୁ ସେମାନେ ଏହା ଭୂଲି ଯାଉଛନ୍ତି । ଏବଂ ଅନେକ ସମୟରେ ଏ ଅଭିଯୋଗ କରିବା ଆରମ୍ଭ କରିଦିଅନ୍ତି । ଏପରି ଲୋକେ ନାଁ ତ ଜଣେ ଭଲ ଉପାସକ ନାଁ ହିଁ ବିଶ୍ୱସ୍ତ ।

**ଖୁତ୍‌ବା ଜୁମା: ସୟଦ୍‌ନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ୍ ପନ୍‌ଚମ[ଅ.ବ] (ପ୍ରଦତ: ୨୬ ଫେବୃଆରୀ ୨୦୧୬ ଅନୁଯାୟୀ ୨୬ ତବଲିଗ ୧୩୯୫ ହି.ଶ)**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ସଂସାରରେ ଅନେକ ଲୋକ ଏପରି ଥାନ୍ତି ଯେ ଅଯଥା ଓ ନିରର୍ଥକ କଥା କହିଥାନ୍ତି । କେତେକ ଲୋକେ ଥଟ୍ଟା ପରିହାସରେ ଏପରି କାହାକୁ ଅଯଥା କଥା କହି ଦେଇଥାନ୍ତି ଯଦ୍ଦ୍ୱାରା ଝଗଡା ଓ ସମସ୍ୟା ଉପୁଜି ଯାଇଥାଏ । ଅନେକ ସମୟରେ ବୈଠକମାନଙ୍କରେ ଏପରି ମୂଲ୍ୟହୀନ ଓ ନିରର୍ଥକ ଚର୍ଚ୍ଚା ଚାଲିଥାଏ ଯେଉଁଥିରେ ସମୟ ନଷ୍ଟ କରିବା ଛଡା ଅନ୍ୟ କିଛି ଲାଭ ହୋଇନଥାଏ । କେବଳ ଅନ୍ୟକୁ କଷ୍ଟ ଦେଲା ଭଳି କଥାର ଚର୍ଚ୍ଚା ଚାଲିଥାଏ ।

ଶବ୍ଦ 'ଲଗ୍ୱ'ର ଅର୍ଥ ନିରର୍ଥକ ଏବଂ ମୂଲ୍ୟହୀନ ବାର୍ତ୍ତାଳାପ ଅଥବା ନ ବୁଝି ନ ସୁଝି କଥା କହିଦେବା । ଅନାବଶ୍ୟକ ଏବଂ ମୁର୍ଖାମୀ ଭଳି କଥା କହିଦେବା । ପବିତ୍ର କୋରାନରେ ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ (ପୁନ୍ୟବାନ ମାନଙ୍କୁ)ଏପରି ଲଗ୍ୱ (ଅନାବଶ୍ୟକ)କଥନରୁ ନିବୃତ ରହିବା ପାଇଁ ଆଦେଶ ଦେଇଛନ୍ତି ।

ହଜରତ ମୁସଲେଃ ମଉଦ[ର.ଅ] ଏକ ସ୍ଥାନରେ ଅଲ୍ଲାଃତାଲାଙ୍କ ଉକ୍ତ ଆଦେଶକୁ ସ୍ପଷ୍ଟ କରି ଏକ ଉଦାହରଣ ବର୍ଣ୍ଣନା କରନ୍ତି ଯାହାକୁ ହଜରତ ମସିହ ମଉଦ[ଅ.ସ] କହୁଥିଲେ, କୁହନ୍ତି;

''ୱଇଜା ମର୍‌ରୁ ବିଲ୍ ଲଗ୍ୱେ ମର୍‌ରୁ କିରାମା''(ଅଲ୍ ଫୁରକାନ୍-୭୩)ଅର୍ଥାତ୍ ଏବଂ ସେମାନେ ମଧ୍ୟ (ଅଲ୍ଲାଃଙ୍କର ଭକ୍ତ ଅଟନ୍ତି)ଯେଉଁମାନେ ନିରର୍ଥକ ବିଷୟର ପାର୍ଶ୍ୱ ଦେଇ ଯିବାବେଳେ (ସେଥିରେ ଅଂଶ ଗ୍ରହଣ ନକରି)ଭଦ୍ର ଭାବେ ଚାଲିଯାଆନ୍ତି । ମୋମିନମାନଙ୍କ ଏକ ଲକ୍ଷଣ ଏହା ଦର୍ଶା ଯାଇଛି କି ଯେତେବେଳେ ସେମାନେ କୌଣସି ସ୍ଥାନରେ ଲଗ୍ୱ(ମନ୍ଦ)ଆଲୋଚନାର ସଭା ଦେଖନ୍ତି ସେଠାରୁ ସଙ୍ଗେ ସଙ୍ଗେ ଚାଲି ଯାଇଥାନ୍ତି । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ସାଧାରଣତଃ ଅଧିକାଂଶ ମହିଳାମାନେଏଥିପ୍ରତି ଧ୍ୟାନ ଦେଇଥାନ୍ତି । କିନ୍ତୁ ଆଜି କାଲି ପୁରୁଷମାନଙ୍କର ମଧ୍ୟ ଏପରି ଅବସ୍ଥା ହୋଇଯାଇଛି । ଯେପରିକି (ମହିଳାମାନେ)ଅଯଥା ପ୍ରଶ୍ନ କରିଥାନ୍ତି କି ଏ ପୋଷାକ,ଏ ଗହଣା କେତେ ଟଙ୍କାରେ କିଣିଲ ? କେଉଁଠାରୁ ତିଆରି କଲ ଇତ୍ୟାଦି । ଏ ସବୁ ଛୋଟ ଛୋଟ ନିରର୍ଥକ କଥା ମଧ୍ୟ 'ଲଗ୍ୱ' ଅଟେ । ଏପରି କଥା ସବୁ ସାଂସାରିକ କଥା ଯାହାର କୌଣସି ମୂଲ୍ୟ ନାହିଁ । ଅନେକ ସମୟରେ ପାଖରେ ବସୁଥିବା ମହିଳାମାନଙ୍କ ଉପରେ ଏହାର କୁପ୍ରଭାବ ପଡିଥାଏ । କାରଣ ଏପରି ମହିଳାମାନେ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ପଚାରି ବୁଝି ନେଇନଥାନ୍ତି ଶାନ୍ତ ପଡ଼ିନଥାନ୍ତି । ହଜରତ ମସିହ ମଉଦ[ଆ.ସ] କୁହନ୍ତି-ଏକଦା ଜଣେ ମହିଳା ଏକ ମୁଦି ତିଆରି କଲେ କିନ୍ତୁ କେହି ଜଣେ ହେଲେ ମଧ୍ୟ ସେଥି ପ୍ରତି ଧ୍ୟାନ ଦେଲେ ନାହିଁ । ଶେଷରେ ସେ ବିରକ୍ତ ହୋଇ ନିଜ ଘରେ ନିଆଁ ଲଗାଇ ଦେଲା । ଲୋକମାନେ ପଚାରିଲେ କ'ଣ କିଛି ବର୍ତିଯାଇଛି । ସେ କହିଲେ ଏହି ମୁଦିକୁ ଛାଡି ଦେଲେ ସବୁ କିଛି ନଷ୍ଟ ହୋଇଯାଇଛି । ଏହା ଶୁଣି ଜଣେ ମହିଳା ପଚାରିଲେ-ଭଉଣୀ ତୁମେ ଏ ମୁଦି କେବେ ତିଆରି କଲ,ଏହା ତ ବେଶ ସୁନ୍ଦର ହୋଇଛି । ସେ କହିଲେ ଯଦି ତୁମେ ଏହି କଥା ପୂର୍ବରୁ କହିଦେଇ ଥାନ୍ତ ତେବେ ମୋ ଘର କାହିଁକି ପୋଡି ନଷ୍ଟ ହୋଇଥାନ୍ତା । ତେବେ ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ଏପରି ଅଭ୍ୟାସ କେବଳ ମହିଳାମାନଙ୍କ ଠାରେ ନଥାଏ ବରଂ ପୁରୁଷମାନଙ୍କ ଠାରେ ମଧ୍ୟ ଦେଖିବାକୁ ମିଳିଥାଏ । ଅନେକ ସମୟରେ ଅଯଥା ପ୍ରଶ୍ନ ଉତର ମଧ୍ୟ କରିଥାନ୍ତି । ଅସ୍ ସଲାମୁ ଆଲେକୁମ୍ କହି ପ୍ରଶ୍ନ କରି ଦେଇଥାନ୍ତି କି କେଉଁଠାରୁ ଆସିଲ? କୁଆଡେ ଯିବ? ତୁମର ଆମଦାନୀ କେତେ ଇତ୍ୟାଦି । କାହାରିକୁ ଏପରି ପ୍ରଶ୍ନ କରିବାର ଆବଶ୍ୟକତା କ'ଣ ଅଛି । ପୁଣି ଆପଣ ପାଶ୍ଚାତ୍ୟ ଦେଶମାନଙ୍କର ଉଦାହରଣ ଦେଇ କୁହନ୍ତି କି ଇଂରେଜମାନେ ଏପରି ପ୍ରଶ୍ନ କେହି କାହାରିକୁ କରିନଥାନ୍ତି କି ତୁମେ କେଉଁଠାରେ କାର୍ଯ୍ୟରତ ? ତୁମର ଶିକ୍ଷାଗତ ଯୋଗ୍ୟତା କ'ଣ ? କେତେ ଟଙ୍କା ବେତନ ପାଉଛ ? ସେମାନେ ଖୋଲି ଖୋଲି ପ୍ରଶ୍ନ କରି ନଥାନ୍ତି । **(ଅନ୍‌ୱାରୁଲ୍ ଉଲୁମ୍ , ଖଣ୍ଡ-୧୫, ପୃଷ୍ଠା-୩୯୭)**

ସୁତରାଂ କେବଳ ଅନ୍ୟକୁ କଷ୍ଟ ଦେଲା ଭଳି କାର୍ଯ୍ୟକୁ 'ଲଗ୍ୱ' କୁହାଯାଏ ନାହିଁ ବରଂ ପ୍ରତ୍ୟେକ ନିରର୍ଥକ କଥା 'ଲଗ୍ୱ'ର ଅନ୍ତର୍ଭୁକ୍ତ ଅଟେ ।

ହଜରତ ମସିହ ମଉଦ[ଅ.ସ] ଏକ ସ୍ଥାନରେ ଏହାର ଏପରି ଭାବେ ମଧ୍ୟ ସ୍ପଷ୍ଟିକରଣ କରି କୁହନ୍ତି, ''ଏପରି କର୍ମ ପ୍ରଘଟନ ନ ହେଉ ଯଦ୍ଦ୍ୱାରା କୌଣସି ବିଶେଷ ନଷ୍ଟ ଓ ବିନାଶ ନ ହୋଇଥାଏ ।''**(ଇସଲାମୀ ଅସୁଲ୍ କି ଫଲାସଫି, ରୁହାନୀ ଖଜାଏନ୍,ଖଣ୍ଡ-୧୦,ପୃଷ୍ଠା-୩୪୯)** ଅର୍ଥାତ୍ ସେହି କଥା ମଧ୍ୟ ନିରର୍ଥକ ହୋଇଥାଏ ଯଦ୍ଦ୍ୱାରା କୌଣସି କ୍ଷତି ଓ ବିନାଶ ହୋଇନଥାଏ । ଏହା ହେଲା ତା'ର ଅର୍ଥ । ଅତଏବ ମୋମିନ ପାଇଁ ସର୍ତ ଅଟେ ଯେ ତାହାର ପ୍ରତ୍ୟେକ କାର୍ଯ୍ୟ ଓ କଥାବାର୍ତ୍ତାରେ କିଛି ନା କିଛି ଉଦ୍ଦେଶ୍ୟ ରହିବା ଉଚିତ୍ ଏବଂ ସେ ଏପରି 'ଲଗ୍ୱ'(ନିରର୍ଥକ)କଥାବାର୍ତ୍ତାରୁ ସର୍ବଦା ନିବୃତ ରହିବା ଉଚିତ୍ । କିନ୍ତୁ ଆମେ ଅନୁଧ୍ୟାନ କଲେ ଦେଖୁଛୁ କି ଅନେକ ଲୋକ ଅଯଥାରେ ଅନେକ କଥା କହିଥାନ୍ତି ।

ଏବେ କେତେକ ଶିକ୍ଷଣୀୟ ଉଦାହରଣ ଯାହାକୁ ଭିନ୍ନ ଭିନ୍ନ ସ୍ଥାନରେ ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରିଛନ୍ତି,ଏବଂ ହଜରତ ମୁସଲେଃ ମଉଦ[ର.ଅ] ଉପସ୍ଥାପନ କରିଛନ୍ତି ; ମୁଁ ତାକୁ ବର୍ଣ୍ଣନା କରିବାକୁ ଯାଉଛି ।

ଆପଣ କୁହନ୍ତି; ହଜରତ ମସିହ ମଉଦ[ଅ.ସ] ଗୋଟିଏ ଶିକ୍ଷଣୀୟ କଥା ଶୁଣାଇଲେ ଯେ କେହି ଜଣେ ମେହେନ୍ତର ଏକଦା ଲାହୋର ରାସ୍ତା ଦେଇ ଯାଉଥିଲା । ସେ ଗାଉଁଲି ଲୋକ ଥିଲା । କୁଲ୍ଲି ମଜଦୁରି କରୁଥିଲା । ଅଥବା ମଇଳା ଅବର୍ଜନା ଉଠାଇବାର କାମ କରୁଥିଲା । ସେ ଦେଖିଲା ସହରରେ ଚହଳ ହୋଇଛି । ହିନ୍ଦୁ ମୁସଲମାନ ମାନଙ୍କର ସମସ୍ତ ପୁରୁଷ ମହିଳା କାନ୍ଦୁଛନ୍ତି । ସେ କାହାରି ଠାରୁ ଏହାର କାରଣ ଜାଣିବାକୁ ଚେଷ୍ଟା କଲା । ତାକୁ ଜଣାଇ ଦିଆଗଲା ଯେ ମହାରାଜା ରଣଜିତ ସିଂ ମରିଗଲେ । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ଏପରି ତ ଶିଖ ମାନଙ୍କ ଶାସନ କାଳ ବହୁତ ଦୁର୍ନାମ ଜନକ ଥିଲା । କିନ୍ତୁ ଏଥିରେ କୌଣସି ସଂଦେହ ନାହିଁ ତଥା ହଜରତ ମସିହ ମଉଦ[ଅ.ସ]ଙ୍କ ଠାରୁ ମୁଁ ଅନେକ ଥର ଶୁଣିଛି ଯେ ମହାରାଜା ରଣଜିତ ସିଂଙ୍କ ରାଜୁତ୍ୱ କାଳରେ ଶାନ୍ତି ସ୍ଥାପନ ହୋଇ ଯାଇଥିଲା । ଏବଂ ସେ ଅଧିକାଂଶ ଦୁର୍ବଳତା ଓ ଅବହେଳାକୁ ଅନେକାଂଶରେ ସୁଧାରି ନେଇଥିଲେ । ମୁସଲମାନ ମାନଙ୍କ ଉପରେ ଶିଖ ମାନଙ୍କର ଅତ୍ୟାଚାରର ଯେଉଁ ଘଟଣା ବର୍ଣ୍ଣନା କରାଯାଉଛି,ତାହା ଅନ୍ୟ ରାଜୁତ୍ୱ କାଳର କଥା । ଯେଉଁ ସମୟରେ ଦେଶର ରାଜୁତ୍ୱ ଛୋଟ ଛୋଟ ଖଣ୍ଡରେ ବିଭକ୍ତ ଥିଲା । ଚୋରି ଡ଼କାୟତି ହେଉଥିଲା । ଏପରି ଦେଶ ସାରା ଚାଲିଥିଲା । ମହାରାଜା ରଣଜିତ ସିଂଙ୍କ ଏହା ପ୍ରୟାସ ରହୁଥିଲା ଯେ ଶାନ୍ତି ସ୍ଥାପନ ହେଉ । ସେ ମୁସଲମାନ ମାନଙ୍କ ସହିତ ସଦ୍‌ବ୍ୟବହାର କରୁଥିଲେ । (ଆପଣ ଏହାର

ଆଉ ଅଧିକ ସ୍ପଷ୍ଟିକରଣ କରନ୍ତି ଯେ) ତାଙ୍କ ମନ୍ତ୍ରୀଗଣଙ୍କ ମଧ୍ୟରେ ମୁସଲମାନ ମନ୍ତ୍ରୀ ବି ଥିଲେ । ହଜରତ ମୁସଲେଃ ମଉଦ[ର.ଅ]କୁହନ୍ତି କି ହଜରତ ମସିହ ମଉଦ[ଅ.ସ]ଙ୍କ ପିତା ଅର୍ଥାତ୍ ଆମ ଅଜା ବି ତାଙ୍କ ଜରନେଲମାନଙ୍କ ମଧ୍ୟରୁ ଜଣେ ଥିଲେ । ଏବଂ ଆଉ ଅନେକ ମୁସଲମାନ ଉଚ୍ଚ ପଦବୀରେ ମୁତଇନ ଥିଲେ । ତେଣୁ ତାଙ୍କ ଦ୍ୱାରା ଦେଶକୁ ଯେଉଁ ଶାନ୍ତି ମିଳିଥିଲା ଏବଂ ସେହି ବିଶୃଙ୍ଖଳାକୁ ମନେ ପକାଇ ଯାହା ତାଙ୍କ ପୂର୍ବରୁ ଦେଖିବାକୁ ମୁଳିଥିଲା । ତାଙ୍କ ମୃତ୍ୟୁର ଶୋକ ସମସ୍ତଙ୍କୁ ଥିଲା । ଲୋକମାନେ କାନ୍ଦୁ ଥିଲେ । ମହେନ୍ତର ଜଣକ ସେହି ଚହଳର କାରଣ ଜାଣିବାକୁ ଚାହିଁଲା । ତେବେ କେହି କହିବାକୁ ଲାଗିଲା କି ମହାରାଜା ରଣଜିତ ସିଂ ମରି ଯାଇଛନ୍ତି । ସେ ବିସ୍ମୟ ହୋଉ ସେହି ଲୋକର ମୁଖ ଚାହିଁ ରହିଲା ଏବଂ କହିବାକୁ ଲାଗିଲା କି ଲୋକମାନେ ତାଙ୍କ ମରଣ ଯୋଗୁଁ ଏପରି ଧୈର୍ଯ୍ୟହରା କାହିଁକି ହେଉଛନ୍ତି ? ମୋ ବାପା ପରି ଲୋକ ବି ମରିଗଲେ । ତେବେ ରାଜା ରଣଜିତ ସିଂ କେଉଁ ଶ୍ରେଣୀରେ ଗଣତି ? ଏହି କଥା ବର୍ଣ୍ଣନା କରି ହଜରତ ମସିହ ମଉଦଅ.ସ କୁହନ୍ତି ଯାହାକୁ କୌଣସି କଥାର ମହତ୍ୱ ଜଣା ଥାଏ ତାହା ତା' ନିକଟରେ ମହାନ ହୋଇଥାଏ । ସେହି ମେହେନ୍ତରର ବାପା ତା' ସହିତ ସଦ୍‌ବ୍ୟବହାର କରୁଥିଲା । ସେଥି ଯୋଗୁଁ ସେ ତାକୁ ପ୍ରିୟ ଥିଲା । ଏବଂ ରାଜା ରଣଜିତ ସିଂଙ୍କ ସଦ୍‌ବ୍ୟବହାର ଯଦିଓ କି ଲକ୍ଷ୍ୟାଧିକ ଲୋକଙ୍କ ସହ ହୋଇଥାଇ ପାରେ କିନ୍ତୁ ଯେହେତୁ ସେ ଲକ୍ଷାଧିଙ୍କ ମଧ୍ୟରେ ନଥିଲା । ନାଁ ହିଁ ତାର ଏପରି ଦୂର ଦୃଷ୍ଟି ଥିଲା ଯେ ସେ ବୁଝି ପରିବ କି ଦେଶର ଲାଭ ଏବଂ ଶାନ୍ତି ଓ ନିରାପତା ବହୁତ ବଡ଼ ଜିନିଷ । ବ୍ୟକ୍ତିଗତ ଲାଭର ତା' ମୁକାବିଲାରେ କୌଣସି ବାସ୍ତବିକତା ନାହିଁ । ସେଥି ଯୋଗୁଁ ତାର ଏହା ଚିନ୍ତାଧାରା ଥିଲା ଯେ ଅସଲ ଜିନିଷ ମହାନତା ଅଟେ । ମୋର ବାପା ଥିଲେ ଯାହାଙ୍କର ମୋତେ ସମ୍ମାନ କରିବା ଉଚିତ୍ । ଯେତେବେଳେ ତାଙ୍କର ମୃତ୍ୟୁ ହୋଇଗଲା ତେବେ ମହାରାଜା ରଣଜିତ ସିଂଙ୍କର ମୃତ୍ୟୁ ହୋଇଗଲା ତ କ'ଣ ହେଲା ? **(ଅଲ୍ ଫଜଲ୍ , ୦୬ ଜୁନ୍ ୧୯୫୨,ଖଣ୍ଡ-୬/୨୪ ନଂ-୧୩୫,ପୃଷ୍ଠା- ୫)**ସଂସାରରେ ନିଜ ଆବଶ୍ୟକତାର ମହତ୍ୱ ଯୋଗୁଁ କେତେକ ଛୋଟ ଜିନିଷ ବି ବଡ଼ ହୋଇ ଯାଇଥାଏ । ଏବଂ କେତେକ ବଡ଼ ଜିନିଷକୁ ସଠିକ ଜ୍ଞାନ ନ ହେବା ଯୋଗୁଁ ମନୁଷ୍ୟ ହେୟ ମନେ କରି ଦେଇଥାଏ । ଛୋଟ ଛୁଆକୁ ଯଦି ଅମୂଲ୍ୟ ରତ୍ନ ହୀରା ଦିଆଯାଏ ତେବେ ସେ ତା'ର କ'ଣ ସମ୍ମାନ କରିବ ?

ଅତଏବ ଜଣେ ମୋମିନ ନିଜ ଆଚରଣ,ବ୍ୟବହାର ଦ୍ୱାରା, ଅନ୍ୟର ସହଯୋଗୀ ହେବାରେ, ପରୋପକାର କରିବା ସହ ନିଜର ସମ୍ମାନ ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । କେବଳ ଏକ ସୀମାବଦ୍ଧ ହୋଇ ରହିଯିବା ଉଚିତ୍ ନୁହେଁ ଯେପରି କି କେବଳ ନିଜ ପରିଜନମାନେ ତା ପ୍ରତି ଦୁଃଖ ପ୍ରକାଶ କରନ୍ତୁ ବରଂ ସେ ଯେଉଁଠି ରହୁଛି,ଯେଉଁ ପରିବେଶରେ ରହୁଛି, ତା ଅଖପାଖରେ ସମସ୍ତେ ତା ପ୍ରତି ଶ୍ରଦ୍ଧାବ୍ୟକ୍ତ କରୁଥିବେ । ପ୍ରତ୍ୟେକଙ୍କ କାର୍ଯ୍ୟର ଏକ ସୀମା ହୋଇଥାଏ । ସେହି ସୀମା ମଧ୍ୟରେ କୌଣସି ଅହମଦିର ପରିଚୟ ଏବଂ ଶୁଭ ପରିଚୟ କେବଳ ତା ବ୍ୟକ୍ତିତ୍ୱ ପାଇଁ ସୀମିତ ହୋଇନଥାଏ ଅଥବା ତାକୁ ଲାଭବାନ କରିନଥାଏ । ବରଂ ଜମାତର ସୁନାମ ଅର୍ଜନର କାରଣ ହୋଇଥାଏ । ଏପରି କି ତବଲିଗ(ପ୍ରଚାର)କାର୍ଯ୍ୟର ପଥ ସୁଗମ ହୋଇଥାଏ । ସଂସାରକୁ ଏ ବିଷୟରେ ଜଣାପଡ଼ି ଥାଏ । ଯଦି ଜଣେ ଅହମଦି ନିଜର ପ୍ରଭାବ ବିସ୍ତାର କରିବାବାଲା ହୋଇଥାଏ । ତେବେ ସଂସାରକୁ ଇସଲାମର ବାସ୍ତବିକତା ଜଣା ପଡ଼ିଥାଏ । ଏବଂ ସଂସାରର ଶାନ୍ତି ଓ ନିରାପତା ନିମନ୍ତେ ଏ ଯୁଗରେ ଇସଲାମର ଶିକ୍ଷା ହିଁ ପ୍ରକୃତ ଶିକ୍ଷା ଅଟେ,ଯାହା ଦ୍ୱାରା ପ୍ରକୃତ ଶାନ୍ତି ସ୍ଥାପନ ହୋଇପାରିବ । ତେଣୁ ଅଜଣା ସଂସାରକୁ ଉଚିତ୍ ଶିକ୍ଷା ଦେବା ଆମର ପରମ କର୍ତବ୍ୟ । ଏଥି ପ୍ରତି ଆମ ସମସ୍ତଙ୍କୁ ଚେଷ୍ଟା କରିବା ଉଚିତ୍ ।

କେତେକ ବ୍ୟକ୍ତି ସାଧାରଣ ତ୍ୟାଗ କରି ଭାବି ନେଇଥାନ୍ତି ଯେ ଆମେ ବହୁତ କିଛି କରି ନେଲୁ । ଅଥବା କେତେକ ଏପରି ବି ହୋଇଥାନ୍ତି ଯେଉଁମାନେ ବିନା ତ୍ୟାଗରେ ନିଜ ଭାବନାରେ ତ୍ୟାଗୀ ହୋଇ ଯାଇଥାନ୍ତି । ଅଥବା ପରୋପକାରୀ ହୋଇଯାଆନ୍ତି । ଏପରି ବ୍ୟକ୍ତିମାନଙ୍କ ସଂବନ୍ଧରେ ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରନ୍ତି ;''ଜଣେ ବ୍ୟକ୍ତି ଅନ୍ୟ ଜଣକୁ ନିମନ୍ତ୍ରଣ କଲା । ନିଜ ସାମର୍ଥ୍ୟ ଅନୁଯାୟୀ ତାର ସତ୍କାର କରିବାରେ କୌଣସି ଅବହେଳା କଲାନାହିଁ । ଯେତେବେଳେ ଅତିଥି ଯିବାକୁ ଲାଗିଲା ସେତେବେଳେ ସେ କ୍ଷମା ମାଗିବାକୁ ଲାଗିଲା କି ମୋ ସ୍ତ୍ରୀ ଅସୁସ୍ଥ ଥିଲା, ଆହୁରି କିଛି କାରଣ କହିଲା । ସେଥି ଯୋଗୁଁ ମୁଁ ଆପଣଙ୍କର ଭଲଭାବେ ସତ୍କାର କରି ପାରିଲି ନାହିଁ । ଆଶା କରୁକି ଆପଣ କ୍ଷମା କରିଦେବେ । ଏହା ଶୁଣି ଅତିଥି ଜଣକ କହିଲା ମୋତେ ଜଣା କି ତୁମେ ଏ କଥା କେଉଁ କାରଣରୁ କହୁଛ । ତୁମର ଉଦ୍ଦେଶ୍ୟ ଏହା ଯେ ତୁମର ପ୍ରଶଂସା କରିବି ଏବଂ ତୁମର କୃତଜ୍ଞତା କରିବି । ଏବେ ଦେଖନ୍ତୁ ଅତିଥିମାନଙ୍କର କିପରି ଚିନ୍ତାଧାରା । କିନ୍ତୁ ଅତିଥି ଜଣକ କହିଲେ ତୁମେ ମୋ ଠାରୁ ଏପରି ଆଶା କଦାଚିତ ରଖ ନାହିଁ । ବରଂ ତୁମେ ମୋର କୃତଜ୍ଞତା କରିବା ଉଚିତ୍ । ସତ୍କାରୀ ଜଣକ କହିଲା ମୋର କଦାପି ଏପରି ଉଦ୍ଦେଶ୍ୟ ନାହିଁ ଯେ ଆପଣଙ୍କ ଉପରେ କୌଣସି ଉପକାର ପ୍ରଦଶର୍ନ କରିବି । ମୁଁ ସଂପୂର୍ଣ୍ଣ ଭାବେ ଦୁଃଖିତ କି ମୁଁ ଆପଣଙ୍କର ଭଲଭାବେ ସତ୍କାର କରିପାରିଲି ନାହିଁ । ଯଦି ଆପଣଙ୍କର ମୋ ଉପରେ କୌଣସି ଉପକାର ରହିଛି ତାହାହେଲେ କୁହ ମୁଁ ତାହାର ବି କୃତଜ୍ଞତା ଅର୍ପଣ କରିଦେବି । ଅତିଥି ଜଣକ କହିଲା ତୁମେ ଯାହାହେଲେ ବି କୁହ ମୁଁ ତୁମ ମନ କଥାକୁ ଭଲ ଭାବେ ବୁଝି ପାରୁଛି ।(ଅର୍ଥାତ୍ ମନର କଥା ବି ଜାଣିବାକୁ ପାଇଲିଣି । ଏପରି ଅତିଥି ଜଣକ କହିଲା) କିନ୍ତୁ ମନେ ରଖ ଯେ ତୁମେ ମୋତେ ଖାଇବାକୁ ହିଁ ଦେଇଛ । (ଏହା ଠାରୁ ଆଉ ଅଧିକ ମୋ ଉପରେ କ'ଣ ଉପକାର କରିଛ ? ଅତିଥି ଜଣକ ଏପରି କହିବାକୁ ଲାଗିଲା)ମୋର ତୁମ ପ୍ରତି ବହୁତ ବଡ଼ ଉପକାର ରହିଛି । ତୁମେ ଟିକିଏ ନିଜ ଘରକୁ ଦେଖ । (ଏ କୋଠରି ଯେଉଁ ଠାରେ ତୁମେ ମୋତେ ବସେଇଛ,ଡ୍ରଇଂଗ ରୁମ୍, ଏଥିରେ କେତେ ହଜାର ଟଙ୍କାର ଜିନିଷ ପଡ଼ି ରହିଛି ଯେତେବେଳେ ତୁମେ ମୋ ପାଇଁ ଖାଦ୍ୟ ଆଣିବାକୁ ଯାଇଥିଲ ସେତେବେଳେ ମୁଁ ଚାହି ଥିଲେ ନିଆଁ ଲଗାଇ ଏ ସବୁ ଜଳାଇ ଦେଇ ପାରିଥାନ୍ତି । ତୁମେ ନିଜେ କୁହ ଯଦି ମୁଁ ଏହାକୁ ଜଳାଇ ଦେଇଥାନ୍ତି ତେବେ କ'ଣ ଗୋଟିଏ ପଇସା ବି ବଂଚି ପାରିଥାନ୍ତା ? କିନ୍ତୁ ମୁଁ ଏଭଳି କିଛି କରି ନଥିଲି । ଅତିଥି ଜଣକ କହିଲେ ଏହା କ'ଣ ମୋର ତୁମ ପ୍ରତି ଉପକାର କମ କି? ଏହା ଶୁଣି ଘରବାଲା କହିଲା ବାସ୍ତବରେ ଆପଣ ବହୁତ ବଡ଼ କାର୍ଯ୍ୟ କରିଛନ୍ତି । ମୁଁ ଏଥି ପ୍ରତି ବି ଆପଣଙ୍କୁ କୃତଜ୍ଞତା ଅର୍ପଣ କରୁଛି କି ଆପଣ ମୋ ଘର ଜଳାଇଲେ ନାହିଁ । ତେବେ ଦେଖନ୍ତୁ ଜଣେ ମନୁଷ୍ୟ ଏପରି ବି ହୋଇଥାଏ କି ଉପକାରକର କୃତଜ୍ଞତା ଅର୍ପଣ କରିବା, ଧନ୍ୟବାଦ ଅର୍ପଣ କରିବା ପରିବର୍ତେ ଏହା ଭାବି ନେଇଥାଏ କି ମୁଁ ଉପକାର କରୁଛି ।'' **(ଖୁତବାତେ ମହମୁଦ୍,ଖଣ୍ଡ-୧୩,ପୃଷ୍ଠା-୫୯୨)**ତେଣୁ ଜଣେ ମୋମିନକୁ ପ୍ରକୃତରେ ଉପକାରକର ପ୍ରକୃତ ଭାବେ କୃତଜ୍ଞତା ଅର୍ପଣ କରିବା ଉଚିତ୍ ନାଁ କି ସେହି ବ୍ୟକ୍ତି ଭଳି ଅକୃତଜ୍ଞ ।

ଆଉ ଏକ ସ୍ଥାନରେ ହଜରତ ମୁସଲେଃ ମଉଦ[ର.ଅ] ମୁରବିୟାନ(ଧର୍ମ ପ୍ରଚାରକ)ମାନଙ୍କୁ ଉପଦେଶ ଦେଇ କୁହନ୍ତି; ଯାହାର ସର୍ବଦା ହଜରତ ମସିହ ମଉଦ[ଅ.ସ] ଦୃଷ୍ଟାନ୍ତ ଦିଅନ୍ତି । ଆପଣ କୁହନ୍ତି,(ଅର୍ଥାତ୍ ମସିହ ମଉଦ[ଅ.ସ])କୁହନ୍ତି ଯେ ଜଣେ ରାଜା ଥିଲେ । ଯେକି ଜଣେ ପୀରଙ୍କର ବଡ଼ ମାନ୍ୟକାରୀ ଥିଲେ । ଏବଂ ନିଜ ମନ୍ତ୍ରୀଙ୍କୁ କୁହନ୍ତି କି ମୋ ପୀରଙ୍କ ସହ ସାକ୍ଷାତ କର । ମନ୍ତ୍ରୀ ଯେହେତୁ ସେହି ପୀରଙ୍କର ସତ୍ୟତାକୁ ଜାଣିଥିଲେ । ସେଥି ଯୋଗୁଁ ସାକ୍ଷାତ କରିବାରେ ଅବହେଳା କରୁଥିଲେ । ପରିଶେଷରେ ଦିନେ ରାଜା ପୀରଙ୍କ ନିକଟକୁ ଗଲେ ଏବଂ ମନ୍ତ୍ରୀଙ୍କୁ ନେଇ ସାଥିରେ ଗଲେ । ପୀର ସାହେବ ରାଜାଙ୍କୁ ଦେଖି କହିଲେ ସମ୍ରାଟ ଧର୍ମର ସେବା କରିବା ବହୁତ ଭଲ କଥା । ସିକନ୍ଦର ରାଜା ଇସଲାମ ଧର୍ମର ବହୁତ ସେବା କରିଥିଲେ । ଯଦ୍ଦ୍ୱାରା ସେ ଏପର୍ଯ୍ୟନ୍ତ ପ୍ରସିଦ୍ଧ ହୋଇ ଆସିଛନ୍ତି ।(ଏହାକୁ ମୁଁ ପୂର୍ବରୁ ଆଉ ଥରେ କୌଣସି ବିଷୟରେ କହି ଆସିଛି ) ଏହା ଶୁଣି ମନ୍ତ୍ରୀ କହିଲା, ଦେଖନ୍ତୁ ହୁଜୁର ! ପୀର ସାହେବ (ଅଲ୍ଲାଃଙ୍କ ବନ୍ଧୁ ହେବା ସହିତ ଇତିହାସର ପ୍ରକାଣ୍ଡ ବିଦ୍ୱାନ ମଧ୍ୟ ଅଟନ୍ତି । ସିକନ୍ଦର ରାଜା ତ ଇସଲାମ ପୂର୍ବରୁ ଥିଲା । ତାଙ୍କ ବିଷୟରେ ପୀର ସାହେବ କଥା କହୁଥିଲେ । ଅର୍ଥାତ୍ ଆପଣଙ୍କ ପୀର ସାହେବ କେବଳ ଜଣେ ଅଲ୍ଲାଃଙ୍କ ପ୍ରିୟ ନଥିଲେ ବରଂ ଇଏ ଜଣେ ଐତିହାସିକ ଜଣା ପଡୁଛନ୍ତି । ସେ ନୂତନ ଇତିହାସ ବତାଇଦେଲେ । ଏହା ଦ୍ୱାରା ରାଜାଙ୍କୁ ସେହି ପୀରଙ୍କ ପ୍ରତି ଘୃଣା ମନଭାବ ସୃଷ୍ଟି ହୋଇଗଲା । ହଜରତ ମସିହ ମଉଦ[ଅ.ସ] ଏ କାହାଣୀ ଶୁଣାଇ କୁହନ୍ତି, ସଭାର ଜ୍ଞାନ ହେବା ବି ନିତ୍ୟାନ୍ତ ଜରୁରୀ । ଯେପର୍ଯ୍ୟନ୍ତ ମନୁଷ୍ୟ ତା ସହିତ ପରିଚିତ ନ ହୋଇଛି, ଅନ୍ୟମାନଙ୍କ ଦୃଷ୍ଟିରେ କ୍ଷୁଦ୍ର ହୋଇ ଯାଇଥାଏ । ସେହି ଭଳି ସଭା ଆଦର୍ଶର ଧ୍ୟାନ ରଖିବା ଜରୁରୀ । ଉଦାହରଣ ସ୍ୱରୂପ ଗୋଟିଏ ଆଲୋଚନା ଚକ୍ରର ସଭା ହୋଇଥାଏ ଏବଂ କେହି ଜଣେ ବଡ଼ ବିଦ୍ୱାନ ସେହି ସଭାରେ ଯାଇ ସମସ୍ତଙ୍କ ସମ୍ମୁଖରେ ଶୋଇଯାଏ । ତେବେକେହି ତା' ପାଣ୍ଡିତ୍ୱର ଖାତର କରିବେ ନାହିଁ । ଏବଂ ତାର ଏପରି ସଭା ଲୋକମାନଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ତେଣୁ ଏହା ନିତ୍ୟାନ୍ତ ଜରୁରୀ ଅଟେ ଯେ, ଯେକୌଣସି ସଭା ହେଉ,ଯେଉଁ ପ୍ରକାରର ସଭା ହେଉ ମୋବଲ୍ଲିଗଙ୍କୁ,ମୁରବିଙ୍କୁ ଦରକାର ଯେ ଯେବେ ସେ ଏପରି ସଭାକୁ ଯାଆନ୍ତି ତା'ର ଜ୍ଞାନ ହେବା ଉଚିତ୍ । ପ୍ରତ୍ୟେକ ମୁବଲ୍ଲିଗଙ୍କୁ ଦରକାର ଯେ ସେ ଭୌଗୋଳିକ,ଐତିହାସିକ, ଗାଣିତିକ, ବୈଦ୍ୟକ, ଆଦର୍ଶ, କଥାବାର୍ତା, ସଭା ଆଦର୍ଶ ଇତ୍ୟାଦିର ଜ୍ଞାନ ସେତିକି ମାତ୍ରାରେ ରଖିବା ଉଚିତ୍ । ଯାହା ଭଦ୍ର ସଭାରେ ସାମିଲ ହେବା ପାଇଁ ଆବଶ୍ୟକ ଅଟେ ।

ଏହା ଏତେ କଷ୍ଟସାଦ୍ଧ୍ୟ ମଧ୍ୟ ନୁହେଁ । ଟିକିଏ ଚେଷ୍ଟା କଲେ ଏସବୁ ସହଜରେ ଶିଖି ହୋଇ ପାରିବ । କିନ୍ତୁ ଏଥିପାଇଁ ପ୍ରତ୍ୟେକ ଶିକ୍ଷାର ପ୍ରାଥମିକ ପୁସ୍ତକ ଗୁଡିକୁ ଅଧ୍ୟୟନ କରିବା ଉଚିତ୍ । **(ଅନ୍‌ୱାରୁଲ୍ ଓ୍ୱଲୁମ୍ ଖଣ୍ଡ-୫,ପୃଷ୍ଠା-୫୮୪-୫୮୫)**

ଆଜି କାଲି ଆମ ମୁବଲ୍ଲିଗ୍‌ମାନଙ୍କୁ ଏ ସମୟର ତାତ୍‌କାଳିକ ଖବର ସମ୍ପର୍କରେ ପ୍ରଶ୍ନ କରି ଦିଆଯାଉଛି । କେତେକ ସମୟରେ ନିୟମିତ ଭାବେ ଖବର କାଗଜ ନ ପଢିବା କିମ୍ବା ସମ୍ବାଦ ନ ଶୁଣିବା, ସେ ସବୁ ବିଷୟରେ ଅଜ୍ଞ ରହିବା ହେତୁ ଅଥବା ଯେକୌଣସି ବିଷୟରେ ତାର ଗଭୀତ ଭାବେ ଜ୍ଞାନ ନ ରଖିବା ହେତୁ ଅନେକ ସମୟରେ କୌଣସି ସାଂସାରିକ ବ୍ୟକ୍ତି ଏ ସମ୍ବନ୍ଧରେ ସେମାନଙ୍କୁ ପ୍ରଶ୍ନ କରି ଦେଇଥାନ୍ତି, ସେମାନେ ମୌନ ରହି ଯାଇଥାନ୍ତି । ଯଦ୍ଦ୍ୱାରା ଲୋକେ ଏକ ପ୍ରକାରର କୁପ୍ରଭାବ ନେଇ ଫେରିଥାନ୍ତି । ତେଣୁ ଯେକୌଣସି ସଭାରେ ଯୋଗଦେବା ପୂର୍ବରୁ ସେହି ସଭା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ଓ ଅନ୍ୟାନ୍ୟ ଖବର ହାସଲ କରି ଯୋଗଦେବା ଉଚିତ୍ ।

ହଜରତ ମସିହ ମଉଦ[ଅ.ସ] ଏକ ଉଦାହାରଣ ଦେଇ କୁହନ୍ତି; ଜଣକର ଦୁଇ ଗୋଟି ପୁତ୍ର ଥିଲେ । ସେ ତା ଧନ ତାଙ୍କ ମଧ୍ୟରେ ବାଂଟି ଦେଲା । ଛୋଟ ପୁତ୍ର ତା ଧନ ନେଇ ବହୁ ଦୂର ଦୂରାନ୍ତରକୁ ଚାଲିଗଲା । ସେଠାରେ ସେ ସେହି ଧନକୁ ଦୁର୍ବ୍ୟବହାର କରି ନଷ୍ଟ କରିଦେଲା । ପରିଶେଷରେ ସେ ଜଣକ ପାଖ ଗୋରୁଚରାଳି ଭାବେ କାମରେ ଲାଗିଗଲା । (ସବୁ କିଛି ଚାଲିଗଲା ପରିଶେଷରେ ଚାକର ଭଳି କାମ କରିବକୁ ପଡ଼ିଲା)ସେହି ଅବସ୍ଥାରେ ସେ ଚିନ୍ତା କଲା ଯେ ମୋ ବାପାଙ୍କ ପାଖେ କେତେ ଚାକରଙ୍କୁ ମନ ଚାହାଁ ଖାଦ୍ୟ ମିଳୁଛି । ଅଧିକ ମିଳୁଛି । କିନ୍ତୁ ମୁଁ ଏଠାରେ କାମ କରିବା ସତ୍ୱେ ଭୋକରେ ମରୁଛି । ତାଙ୍କ ନିକଟକୁ ଯାଇ କାହିଁକି ନ କହିବି କି ମୋତେ ବି ନିଜ ଚାକରଙ୍କ ଭଳି ରଖି ନିଅ । ସୁତରାଂ ସେ ତା ବାପାଙ୍କ ପାଖକୁ ଗଲା । ବାପ ତାକୁ ଦେଖି ବହୁତ ଖୁସି ହେଲା ଏବଂ ଆଲିଙ୍ଗନ କଲା । ଚାକର ମାନଙ୍କୁ କହିଲା କି ଭଲ ହୃଷ୍ଟ ପୃଷ୍ଟ ଛଡ଼ା ଆଣି ଜବାହ କର । ଆମେ ଖାଇବୁ ଏବଂ ଖୁସି ପାଳନ କରିବୁ । ଯେତେବେଳେ ତାର ଦ୍ୱିତୀୟ ପୁତ୍ର ଆସିଲା (ସେ ତାକୁ ବି ଧନ ଦେଇଥିଲା ଏବଂ ସେ ତାର ବ୍ୟବସାୟ ବାଣିଜ୍ୟ ଖୁବ ଭଲ କରୁଥିଲା ) ତାକୁ ଏ କଥା ଦେଖି ଭାରି ଖରାପ ଲାଗିଲା । (ଯେ ସବୁ କିଛି ନଷ୍ଟ କରି ଆସିଲା ତଥାପି ତା'ର ଏତେ ଖାତର ସତ୍କାର ହେଉଛି )ନିଜ ବାପାକୁ ସେ କହିଲା ମୁଁଏତେ ବର୍ଷଧରି ତୁମର ସେବା କରୁଛି ଏବଂ ତୁମ ଅଦେଶର କେବେ ହେଲେ ବି ଅବମାନନନା କରି ନାହିଁ ଅଥଚ ତୁମେ ମୋତେ କେବେହେଲେ ବି ଛେଳି ଛୁଆଟିଏ ବି ଦେଲନାହିଁ କି ମୁଁ ସାଙ୍ଗ ମାନଙ୍କ ସହ ଖୁସି ଉପଭୋଗ କରିବି । କିନ୍ତୁ ଯେତେବେଳେ ତୁମର ଏ ପୁତ୍ର ଆସିଲା ଯେକି ତୁମ ଧନକୁ ଭୋଗବିଳାଶରେ ନଷ୍ଟ କରି ଆସିଲା ତା ପାଇଁ ପୋଶା ଛଡ଼ାକୁ ଜବାହ କରିଦେଲ । ବାପା କହିଲେ ତୁ ସର୍ବଦା ମୋ ପାଖେ ରହୁଛୁ । ଏବଂ ମୋର ଯାହା କିଛି ଅଛି ସେ ସବୁ ତୋର ହିଁ ଅଟେ । କିନ୍ତୁ ତୋର ଏ ଭାଇ ଆସିବା ଫଳରେ ତା' ପାଇଁ ଖୁସି ଏଥି ଯୋଗୁଁ ପାଳିତ କରାଗଲା ଯେ ସେ ମୃତ ଥିଲା ଏବେ ଜୀବିତ ହେଲା । ହଜି ଯାଇଥିଲା ଏବେ ମିଳିଲା । ତେଣୁ ଯେକେହି କୌଣସି ଭୂଲର ବଶବର୍ତୀ ହୋଇଥାଏ ଯେତେବେଳେ ସେ ଭୂଲ ପରେ

ଅଲ୍ଲାଃତାଲାଙ୍କ ଶରଣରେ ଯାଇଥାଏ, ତାଙ୍କ ସମ୍ମୁଖରେ ମୁଣ୍ଡ ନୁଆଇଁଥାଏ, ଏବଂ ନିଜ ଭୂଲ ପ୍ରତି କ୍ଷମା ଭିକ୍ଷା କରିଥାଏ ,ଅନୁତାପ ସହ ଲଜ୍ଜିତ ହୋଇଥାଏ । ନିଃସନ୍ଦେହରେ ଅଲ୍ଲାଃ ତା'ର ଅନୁତାପକୁ ଗ୍ରହଣ କରିଥାନ୍ତି । ଏବଂ ପୂର୍ବାପେକ୍ଷା ଅଧିକ ତା ଉପରେ ଦୟା କରିଥାନ୍ତି ।

**(ଖୁତବାତେ ମହମୁଦ୍,ଖଣ୍ଡ-୧୨,ପୃଷ୍ଠା-୩୭୫)**

ତେଣୁ ଜଣେ ମୋମିନକୁ ମଧ ଅଲ୍ଲାଃଙ୍କ ଏହି ଗୁଣକୁ ଆପଣାଇ ସେ ଯେପରି ଚାହିଁ ଥାଏ କି ଅଲ୍ଲାଃ ବି ତା ସହ ସଦ୍‌ବ୍ୟବହାର କରୁ ଠିକ ସେହି ଭଳି ସେ ନିଜ ଭାଇମାନଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ନିଜ ଭାଇ ଯଦି ଦୋଷି ଥାଏ ଯଦି ସେ ସ୍ୱଚ୍ଛ ହୃଦୟରେ ନିଜ ଭୂଲ ସ୍ୱୀକାର କରି କ୍ଷମା ମାଗନ୍ତି । ଏବଂ ଭୂଲ ବୁଝିପାରନ୍ତି ତେବେ ତାଙ୍କ ଭୂଲକୁ ଅଣଦେଖା କରିବା ସହ ତାଙ୍କ ପାଇଁ ଦୁଆ କରିବା ଉଚିତ । ମଣିଷର ଚରିତ୍ର ପ୍ରତ୍ୟେକ ପରିସ୍ଥିତିରେ ସୁଦୃଢ ରହିବା ଉଚିତ । ନାଁ କି ଟଳମଳ ହେବା କଥା । ଏ ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] କୁହନ୍ତି- ଏକଦା ଜଣେ ରାଜା ବାଇଗଣ ଖାଇଲେ । ତାହା ତାଙ୍କୁ ବେଶ ସ୍ୱାଦ ଲାଗିଲା । (ଅନେକ ଲୋକ ଏ କାହାଣୀ ଶୁଣିଛନ୍ତି) ଯେତେବେଳେ ରାଜା ଦରବାରରେ ଆସି କହିଲେ କି ବାଇଗଣ ବହୁତ ଭଲ ଜିନିଷ । ଏଥିରେ ରାଜାଙ୍କର ଜଣେ ସଭାସଦ ବାଇଗଣର ଯଥା ସମ୍ଭବ ପ୍ରଶଂସା ଗାନ କରିବା ଆରମ୍ଭ କରିଦେଲେ । କହିବାକୁ ଲାଗିଲା; ଦେଖ ବାଇଗଣର ମୁଖ କେଡ଼େ ସୁନ୍ଦର । ମୁକୁଟ ଦେଖ ଏପରି ଲାଗୁଛି ଯେପରିକି କେହି ଗଣେ ପୀର ସବୁଜ ପଗଡ଼ି ପିନ୍ଧିଛନ୍ତି । ନିଳ ବର୍ଣ୍ଣର ବସ୍ତ୍ର । ଯାହା ଆକାଶ ରଙ୍ଗଙ୍କୁ ଫିକା କରିଦେଉଛି । ଗଛ ସହିତ ଏପରି ଝୁଲି ରହିଛି ଯେପରି କେହି ରାଜକୁମାର ଦୋଳି ଖେଳୁଛି । (ଏଭଳି ଏଭଳି ପ୍ରଶଂସା କଲା ) ଚିକିସ୍ତାନୁଯାୟୀ ଏହାର ଯେତେ ଗୁଣ ଥିଲା, ସବୁ ଗଣି ଗଣି ବର୍ଣ୍ଣନା କରିଦେଲା । ଏକଥା ଶୁଣି ରାଜା ଆନନ୍ଦିତ ହୋଇ କିଛି ଦିନ କେବଳ ବାଇଗଣ ଖାଇବାକୁ ଲାଗିଲେ । ବାଇଗଣ ଏକ ଗରମ ଖାଦ୍ୟ,ତେଣୁ କ୍ରମାଗତ ବାଇଗଣ ଖାଇବା ଫଳରେ ରାଜା ରୋଗରେ ଆକ୍ରାନ୍ତ ହେଲେ । ରାଜା ଦିନେ କହିଲେ,ବାଇଗଣ ଭାରି ଖରାପ ଜିନିଷ ଅଟେ । ଏହା ଶୁଣି ଉକ୍ତ ସଭାସଦ ଜଣକ ବାଇଗଣର ଖରାପ ଗୁଣ ବଖାଣିବା ଆରମ୍ଭ କରିଦେଲେ । କହିବାକୁ ଲାଗିଲା ଦେଖ ବାଇଗଣର ମୁଖ କେଡ଼େ କଳା । ନିଳିଆ ଗୋଡ଼ । ତାଠାରୁ ବଳି ଆଉ କ'ଣ ଖରାପ କଥା ହେବ ଯେ ସେ ଏପରି ଟଙ୍ଗା ହୋଇଛି ଯେପରି କାହାରିକୁ ଫାସି ଦିଆଯାଉଛି । ହଜରତ ମସିହ ମଉଦ[ଅ.ସ]ଙ୍କ କହିବାନୁଯାୟୀ ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ଯେହେତୁ ପ୍ରତ୍ୟେକ ଜିନିଷର ଗୁଣ ଥାଏ, ଖୁଣ ବି ଥାଏ । ଏହି ଅବସରରେ ସେହି ସଭାସଦ ଜଣକ ଚିକିସ୍ତାନୁଯାୟୀ ବାଇଗଣର ପ୍ରତ୍ୟେକ ଖୁଣ ବଖାଣି ଦେଲେ । ନିକଟରେ ବସିଥିବା କେହି ଜଣେ କହିଲେ ଇଏ କ'ଣ କଥା ପ୍ରଥମେ ତୁମେ ତାହାର ପ୍ରଶଂସା ଗାନ କରୁଥିଲ କିନ୍ତୁ ଆଜି ତାହାର ଦୁର୍ଗୁଣ ବଖାଣୁଛ । ଏବେ ସତ କଥା ତ କୁହ । ସେ କହିଲେ ମୁଁ ରାଜାଙ୍କର ଦାସ ବାଇଗଣର ନୁହେଁ ।

**(ଖୁତବାତେ ମହମୁଦ୍,ଖଣ୍ଡ-୧୦,ପୃଷ୍ଠା-୭୭-୭୮)**

ଆଜି କାଲି ମୁସଲମାନ ଦେଶମାନଙ୍କର ଅବସ୍ଥା ମଧ ଠିକ୍ ଏହିପରି । ତେଣୁ ଆମକୁ ଏଥିରୁ ଶିକ୍ଷା ନେବା ଉଚିତ । ଚରିତ୍ର ଦୃଷ୍ଟିରୁ, ସ୍ୱଭାବ ଦୃଷ୍ଟିରୁ ସବୁଠାରୁ ଉତମ ଚରିତ୍ର ତ ମୁସଲମାନର ହେବା ଉଚିତ । କିନ୍ତୁ ଦୁଃଖ ବିଷୟ ଯେ ଆଜି ସବୁଠାରୁ ନୀଚ ଆଚରଣ ମୁସଲମାନମାନଙ୍କ ମଧରେ ଦେଖିବାକୁ ମିଳୁଛି । ସତ ଉପରେ ଅଟଳ ରହିବାର ତ ପ୍ରଶ୍ନ ହିଁ ଉଠୁ ନାହିଁ । ଏମାନେ ତ ଖୁସାମତ ଏବଂଯେଉଁଠି ସ୍ୱାର୍ଥ ଦେଖିଲେ ସେଇ ଆଡ଼କୁ ଢଳିଗଲେ । ସେ ନେତା ହୁଅନ୍ତୁ ବା ଜନସାଧାରଣ । ସତ୍ୟତା ଉପରେ ତିଷ୍ଠି ରହିବା ନିମନ୍ତେ ଠିକ ଭୂଲକୁ ସମ୍ମୁଖରେ ରଖି ନିଷ୍ପତି ନିଆବା ଏବଂ ସଠିକ ମନ୍ତବ୍ୟ ଦିଆଯିବା ଆବଶ୍ୟକ ।

ପୁଣି ଆଉ ଏକ ଘଟଣା ଅଛି,ତାକୁ ବର୍ଣ୍ଣନା କରୁଛି । ଏହାର ସମ୍ବନ୍ଧ ଅଲ୍ଲାଃଙ୍କ ସହ ସଂପର୍କ ସ୍ଥାପନ କରିବା । ଅଲ୍ଲାଃଙ୍କ ସହିତ ସଂପର୍କ ସ୍ଥାପନ ଦ୍ୱାରା ହିଁ ପ୍ରକୃତରେ ସମସ୍ୟାର ସମାଧାନ ହୋଇଥାଏ । ଏ ସଂପର୍କ ତକୱ୍ୱା(ଅଲ୍ଲାଃଙ୍କ ଭୟ) ଦ୍ୱାରା ବୃଦ୍ଧି ହୋଇଥାଏ । ପୁଣି ଆମେ ଅହମଦି ଯାହାର ଆମେ ଦାବୀ କରୁଛେ କି ହଜରତ ମସିହ ମଉଦ[ଅ.ସ]ଙ୍କୁ ଗ୍ରହଣ କରି ଆମେ ପ୍ରକୃତ ଇସଲାମୀ ଶିକ୍ଷା ଅନୁଯାୟୀ ଜୀବନ ଅତିବାହିତ କରିବା ଉଚିତ୍ । ଆମେ ଏପରି ଜୀବନ ନିର୍ବାହ କରିବାକୁ ହେଲେ ଅଲ୍ଲାଃତାଲାଙ୍କ ଆଡ଼କୁ ଚାହିଁବାକୁ ହେବ । ତାହାରି ଠାରେ ସଂପର୍କ ସଂଯୋଗ କରିବାକୁ ହେବ । ଆମକୁ ସଫଳତା କେବେ ସଂାସାରିକ କଥା ଦ୍ୱାରା ମିଳି ପାରିବ ନାହିଁ । ତେଣୁ ଆମ ମଧରେ ଯଦି ତକ୍‌ୱ୍ୱା ଓ ଅଲ୍ଲାଃଙ୍କ ଭୟ ଥାଏ, ଯଦି ଆମେ ନିଜ ମଧରେ ତକ୍‌ୱ୍ୱା ଓ ଅଲ୍ଲାଃଙ୍କ ଭୟ ଜାଗ୍ରତ କରିବା,ତେବେ ଯାଇ ଆମକୁ ସଫଳତା ମିଳିବ । ଯେବେ ଏପରି ଅବସ୍ଥା ଉପନିତ ହେବ,ତେବେ ଯାଇ ଫରିସ୍ତା ଅମର ପଥ ସୁଗମ କରାଇବେ । ଇନ୍‌ଶାଅଲ୍ଲାଃ( ଅଲ୍ଲାଃ ଚାହିଁଲେ ହେଲା ) ।

ତେଣୁ ଆମ ସମସ୍ତଙ୍କୁ ଏହା ଭାବିବା ନିତ୍ୟାନ୍ତ ଜରୁରୀ ଯେ ଆମେ ନିଜ ମଧରେ ତକ୍‌ୱ୍ୱା ଉଜାଗର କରିବା ପ୍ରତି ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃଙ୍କ ସହ ସଂପର୍କ ସ୍ଥାପିତ କରିବା ଉଚିତ୍ । ଅନେକାବସ୍ଥାରେ ଆମେ ଦେଖୁଛେ କି ଜଣେ ସଂାସାରିକ ବ୍ୟକ୍ତିକୁ ଅନ୍ୟ ଜଣେ ସଂାସାରିକ ବ୍ୟକ୍ତିର ସଂପର୍କ ଲାଭ ଦେଇଥାଏ, ତେବେ ଅଲ୍ଲାଃଙ୍କ ସହ ସଂପର୍କ ତ ତାଠାରୁ ହଜାର ଓ ଲକ୍ଷ ଗୁଣା ଲାଭ ଦେଇ ପାରିଥାଏ । ଏ ସମ୍ବନ୍ଧରେ ହଜରତ ମସିହ ମଉଦ[ଅ.ସ] ଏକ କାହାଣୀ ବର୍ଣ୍ଣନା କରି କୁହନ୍ତି; ଜଣେ ବ୍ୟକ୍ତି କୌଣସି ଯାତ୍ରା ଉଦ୍ଦେଶ୍ୟରେ ବାହାରିଲା । ସେ ତାର କେତେ ଟଙ୍କା କାଜିଙ୍କ ପାଖରେ ଅମାନତ ସ୍ୱରୂପ ରଖି ଗଲା । ଅନେକ ସମୟ ପରେ ଆସି ଯେତେବେଳେ ଟଙ୍କା ମାଗିଲା କାଜିର ମନ ବଦଳି ଗଲା । କହିଲା ମିଆଁ ମୁଣ୍ଡ ତ ଠିକ ଅଛି । କେଉଁ ଟଙ୍କା,କେଉଁ ଅମାନତ ? ତୁମେ ମୋ ପାଖେ କେବେ ଟଙ୍କା ରଖି ଥିଲ ? ସେ ତ କୌଣସି ଲିଖିତ ଆକାରରେ ଦେଇ ଯାଇ ନଥିଲା । କାରଣ ସେ ଭାବୁଥିଲା ଯେ କାଜି ସାହେବଙ୍କ ବ୍ୟକ୍ତିତ୍ୱ ହିଁ ବିଶ୍ୱାସ ଯୋଗ୍ୟ ଏବଂ ଯଥେଷ୍ଟ ଅଟେ । କାଜି ସାହେବ କହିଲେ ଯଦି ମୋ ପାଖେ କୌଣସି ଟଙ୍କା ରଖି ଥିଲ ତେବେ କୌଣସି ପ୍ରମାଣ ଆଣ । କୌଣସି ରସିଦ ଦେଖାଅ । କୌଣସି ସାକ୍ଷୀ ଆଣ । ସେ ବହୁତ ମନେ ପକାଇ କହିଲା କିନ୍ତୁ କାଜି ଏହା ହିଁ କହୁଥାଏ ତୁମର ମୋ ପାଖେ କିଛି ବି ନାହିଁ । ତୁମ ମୁଣ୍ଡ ଭଷ୍ଟ ହୋଇ ଯାଇଛି । ତୁମେ କେବେ ମୋତେ ପଇସା ଦେଇ ନାହଁ । ପରିଶେଷରେ ସେ ରାଜାଙ୍କ ନିକଟରେ ଅଭିଯୋଗ କଲା । ରାଜା କହିଲେ; ନ୍ୟାୟାଳୟ ଦୃଷ୍ଟି କୋଣରୁ ତ ମୁଁ ତୁମର କିଛି ସାହାଯ୍ୟ କରି ପାରିବିନାହିଁ । ତୁମ ବିପକ୍ଷରେ ନିଷ୍ପତି କରିବା ପାଇଁ ମୁଁ ବାଧ ହେଉଛି । କାରଣ ତୁମ ପାଖେ କୌଣସି ଲିଖିତ ପ୍ରମାଣ ନାହିଁ । ହଁ ଗୋଟିଏ ଉପାୟ ତୁମକୁ କହି ଦେଉଛି । ଯଦି ତୁମେ ସତ୍ୟ ଅଟ ତେବେ ତୁମେ ଉପକୃତ ହୋଇପାରିବ । ଅମୁକ ଦିନ ମୋର ଶୋଭା ଯାତ୍ରା ବାହାରିବ ଏବଂ କାଜି ବି ତାଙ୍କ ଛାତ ଉପରେ ଛିଡ଼ା ରହିବ । ସେ ଦିନ ରାଜା ସଡ଼କ ପଥରେ ସହର ପରିକ୍ରମା କରିବେ । ତୁମେ ବି ଯାଇ କେଉଁଠି ତା ପାଖରେ ଛିଡ଼ାହୋଇ ଯିବ । ମୁଁ ତୁମ ପଖେ ପହଂଚି ତୁମ ସହ ବିନା ଦ୍ୱିଧାରେ କଥା କହିବା ଆରମ୍ଭ କରିଦେବି କି ତୁମେ କାହିଁ ମୋ ପାଖକୁ ସାକ୍ଷାତ କରିବାକୁ ଆସିଲ ନାହିଁ ? ଏତେ ସମୟ ହେଲା ସାକ୍ଷାତ ହୋଇ ନଥିଲା । ସେ ସମୟରେ ତୁମେ ମୋତେ କହିବ କି କିଛି ଅସୁବିଧା ଥିଲା । ସେଥି ଯୋଗୁଁ ସାକ୍ଷାତ କରି ପାରି ନ ଥିଲି । ସେହି ବ୍ୟକ୍ତ ଜଣକ ସେହି ପରି ହିଁ କାର୍ଯ୍ୟ କଲା । ଶୋଭାଯାତ୍ରା ଦିନ ଯାଇ କାଜି ପାଖରେ ଛିଡ଼ା ହୋଇଗଲା । ରାଜା ଆସି କାଜିଙ୍କ ସହ କଥା କହିବା ପରିବର୍ତେ ସେହି ବ୍ୟକ୍ତି ଜଣକଙ୍କ ସହ କଥା କହିବା ଆରମ୍ଭ କରିଦେଲେ । କହିଲେ ତୁମେ ଚାଲିଗଲ । ବହୁତ ସମୟ ହେଲା ସାକ୍ଷାତ କଲନାହିଁ । ସେହି ବ୍ୟକ୍ତି ଜଣକ ନିଜ ଯାତ୍ରାର ବିବରଣୀ ଶୁଣାଇଲା । ପୁଣି ରାଜା ପଚାରିଲେ । ଫେରିବା ପରେ କାହିଁକି ମିଳିଲ ନାହିଁ? ସେ କହିଲା ମୋର କେତେକ ଅସୁବିଧା ଯୋଗୁଁ ମୁଁ ମିଳିପାରିଲି ନାହିଁ । କେତେକଙ୍କ ଠାରୁ ଆଦାୟ କରିବାର ଥିଲା । ରାଜା କହିଲେ ନାଁ ନାଁ ତୁମେ ମୋ ସହ ନିଶ୍ଚିତ ମିଳିବାର ଥିଲା । ଅତି ଶୀଘ୍ର ମୋ ସହିତ ସାକ୍ଷାତ କରିବାକୁ ଆସ । ଯେତେବେଳେ ରାଜାଙ୍କର ଶୋଭା ଯାତ୍ରା ଚାଲିଗଲା ସେତେବେଳେ କାଜି ସାହେବ ସେହି ବ୍ୟକ୍ତିକୁ କହିଲେ ମିଆଁ ଟିକିଏ କଥା ଶୁଣିବେ । ତୁମେ ସେ ଦିନ ଆସିଥିଲ । ଏବଂ କୌଣସି ଅମାନତର କଥା କହୁଥିଲ । ମୁଁ ଏବେ ବୃଦ୍ଧ ହୋଇଗଲିଣି । କିଛି ଠିକରେ ମନେ ରହୁନାହିଁ କିଛି ଠିକଣା ପତା କହିବ ତ ମୋର ମନେ ଆସିବ । ସେ ପୂର୍ବ ଭଳି କାଜି କୁ ସେହି କଥା ସବୁ କହିଲା । କାଜି ସାହେବ କହିଲେ ଠିକ ଠିକ ସେହି ଭଳି ଥଳିଟି ତୁମେ ଦେଇଥିଲ । ତାହା ତ ଏବେ ବି ସାଇତି ରଖାଯାଇଛି । ଆସି ନେଇ ଯାଅ । କାଜି ଆଣି ତାକୁ ଟଙ୍କା ଦେଇଦେଲା । ଏ କାହାଣୀ ଶୁଣାଇ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସଂସାରର ବିରୋଧକୁ କାହିଁକି ଭୟ କରିବା । କେହି ଜଣେ ବଡ଼ ଜରନେଲ ବି ତରବାରୀ ଏବଂ ଗୋଳି ଦ୍ୱାରା କ୍ଷତି ପହଂଚାଇପାରେ କିନ୍ତୁ ଏ ସମସ୍ତ ଜିନିଷ ଆମ ଅଲ୍ଲାଃଙ୍କର । ଯଦି ସେ କହିବେ ଏ ଆଡ଼କୁ ଆକ୍ରମଣ କର ନାହିଁ ତେବେ ଏହା କିଏ କରିପାରିବ । ତେଣୁ ଭକ୍ତକୁ ଅଲ୍ଲାଃଙ୍କ ସହ ବନ୍ଧୁତା କରିବା ଉଚିତ୍ । ତା' ସହିତ ପ୍ରେମ କରିବା ଉଚିତ୍ । ଭୟ କରିବା ବା ମରିବା ମାରିବା ଦ୍ୱାରା କାମ ହେବ ନାହିଁ । ପ୍ରଗତିର ପଥ ଏହାଯେ ମନୁଷ୍ୟ ନିଜକୁ ଅଲ୍ଲାଃଙ୍କ ହାତରେ ସମର୍ପିତ କରିଦେଉ । ସେ ଯେଉଁ ଆଡ଼କୁ ନେବାକୁ ଚାହୁଁଛି, ସେହି ଆଡ଼କୁ ଚାଲିଯାଉ । (ଖୁତବାତେ ମହମୁଦ୍,ଖଣ୍ଡ-୧୫,ପୃଷ୍ଠା-୨୭୪-୨୭୫)

ଜଣେ ସଚ୍ଚୋଟ ମୋମିନର ଉଦାହରଣ ଏକ ସଚ୍ଚୋଟ ବନ୍ଧୁ ପରି । ଏହାକୁ ବୁଝାଇବାକୁ ଯାଇ ହଜରତ ମସିହ ମଉଦ[ଅ.ସ] ଏକ ଘଟଣାର ଚର୍ଚ୍ଚା କରି କୁହନ୍ତି-ଜଣେ ଧନି ବ୍ୟକ୍ତି ଥିଲେ । ତାଙ୍କ ପୁତ୍ର କିଛି ଖରାପ ପିଲାଙ୍କ ସାଥିରେ ସାଙ୍ଗ ହୋଇ ଯାଇଥିଲା । ସେ ନିଜ ପୁତ୍ରକୁ ବୁଝାଇଲେ ଯେ ତୁମର ଏସବୁ ବନ୍ଧୁ ସଚ୍ଚୋଟ ନୁହନ୍ତି । ନିଜର ଉଦ୍ଦେଶ୍ୟ ପୂରଣ ନିମନ୍ତେ ତୁମର ବନ୍ଧୁ ସାଜିଛନ୍ତି । ପ୍ରକୃତରେ ଏମାନଙ୍କ ମଧରେ କେହିହେଲେ ବିଶ୍ୱାସ ଯୋଗ୍ୟ ନୁହନ୍ତି । ଏହା ଶୁଣି ପୁତ୍ର କହିଲା, ମନେହେଉଛି ଆପଣଙ୍କୁ ଜୀବନରେ କେହି ସଚ୍ଚୋଟ ବନ୍ଧୁ ମିଳି ନାହାନ୍ତି । ତେଣୁକରି ସମସ୍ତଙ୍କୁ ଏହିପରି ଭାବୁଛନ୍ତି । କିନ୍ତୁ ମୋ ମିତ୍ରମାନେ ଏପରି ନୁହନ୍ତି । ସେମାନେ ସମସ୍ତେ ବିଶ୍ୱସ୍ତ ଏବଂ ଦରକାର ପଡିଲେ ମୋ ପାଇଁ ଜୀବନ ଦେବକୁ ମଧ କଦାପି ପଛଘୁଂଚା ଦେବେ ନାହିଁ । କିନ୍ତୁ ସେ ପୁତ୍ରକୁ ଏହା ବୁଝାଇଲେ କି ସଚ୍ଚୋଟ ବନ୍ଧୁ ମିଳିବା ଏତେ ସହଜ ନୁହେଁ । ମୋ ସାରା ଜୀବନରେ ମୋତେ ମାତ୍ର ଜଣେ ସଚ୍ଚୋଟ ବନ୍ଧୁ ମିଳିଛି । କିନ୍ତୁ ପୁତ୍ର ଏହା ସ୍ୱୀକାର ନକରି ନିଜ ଜିଦ୍‌ରେ ଅଟଳ ରହିଲା । କିଛି ଦିନ ପରେ ଖର୍ଚ୍ଚ ପାଇଁ ସେ ପିତାଙ୍କୁ ପଇସା ମାଗିଲା,କିନ୍ତୁ ପିତା ତାହାର ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି ରୋକଠୋକ ମନାକରି କହିଲେ ଏଥର ନିଜ ଖର୍ଚ୍ଚ ପାଇଁ ସାଙ୍ଗମାନଙ୍କୁ ପଇସା ମାଗ । ଅସଲରେ ଏପରି କହିବା ପଛରେ ତାଙ୍କର ଉଦ୍ଦେଶ୍ୟ ଏହା ଥିଲା ଯେ, ପୁତ୍ର ନିଜ ସାଙ୍ଗମାନଙ୍କୁ ପରୀକ୍ଷା କରି ଦେଖିନେଉ । କିନ୍ତୁ ତା ସାଙ୍ଗମାନେ ପିତାଙ୍କର ଆଉ ପଇସା ନଦେବା କଥା ଜାଣିବା ପରେ,ତାହା ସହ ମିଳାମିଶା ବନ୍ଦ କରିଦେଲେ । ଶେଷରେ ବିରକ୍ତ ହୋଇ ସେ ନିଜେ ସାଙ୍ଗମାନଙ୍କ ଘରକୁ ଗଲା କିନ୍ତୁ ଯାହା କବାଟ ବାଡେଇଲା ସମସ୍ତେ ଭିତରେ ଥାଇ ଖବର ପଠାଇଲେ କି,ସେ ଘରେ ନାହିଁ କିମ୍ବା ଅସୁସ୍ଥ ଅଛି ବର୍ତମାନ ସାକ୍ଷାତ ସମ୍ଭବ ନୁହେଁ ଆଦି ବାହାନା କଲେ । ଦିନସାରା ସେମାନଙ୍କ ଦ୍ୱାରସ୍ଥ ହୋଇ ଯେତେବେଳେ ସେ ଘରକୁ ଫେରିଲା, ପିତା ପଚାରିଲେ କ'ଣ ସାଙ୍ଗମାନେ କିଛି ସାହାଯ୍ୟ କଲେ । ସେ କହିଲା ସମସ୍ତେ ଠକ ଓ ଧୋକାବାଜ୍ ଅଟନ୍ତି । ପିତା କହିଲେ ମୁଁ ତୁମକୁ କହିନଥିଲି ଯେ, ସେମାନେ ବିଶ୍ୱାସ ଯୋଗ୍ୟ ନୁହନ୍ତି । ଭଲ ହେଲା ତୁମେ ଏକଥା ବୁଝିନେଲ । ବର୍ତମାନ ଆସ ମୁଁ ତୁମକୁ ମୋ ବିଶ୍ୱସ୍ତ ବନ୍ଧୁ ସହ ମିଳାଇବି । ଦୁହେଁ ବନ୍ଧୁଙ୍କ ଦ୍ୱାରରେ ପହଂଚି କବାଟ ବାଡେଇଲେ । ଭିତରୁ ଶୁଣାଗଲା, ଆସୁଛି କିନ୍ତୁ ବହୁ ସମୟ ବିତିଗଲା ପରେ ମଧ କେହି ହେଲେ ବାହାରକୁ ବାହାରିଲେ ନାହିଁ । ପୁତ୍ର ଅତିଷ୍ଟ ହୋଇ କହିଲେ, ବାପା ଜଣାଯାଉଛି ଆପଣଙ୍କ ମିତ୍ର ମଧ ମୋ ବନ୍ଧୁମାନଙ୍କ ପରି । ପିତା କହିଲେ ଆଉ କିଛି ସମୟ ଅପେକ୍ଷା କର । କିଛି କ୍ଷଣ ପରେ କବାଟ ଖୋଲିଲା, ବନ୍ଧୁ ଜଣକ ବେକରେ ଖଣ୍ଡା ଲଟକାଇ,ଗୋଟିଏ ହାତରେ ମୁଣିଟିଏ ଓ ଅନ୍ୟ ହାତରେ ନିଜ ସ୍ତ୍ରୀଙ୍କୁ ଧରି ବାହାରି ଆସି,କହିଲେ କ୍ଷମା କରିବେ ମୋର ଅସିବାରେ ଟିକିଏ ବିଳମ୍ବ ହେଲା । ବିଳମ୍ବ ହେବାର କାରଣ ଦର୍ଶାଇଲେ କି ଯେତେବେଳେ ଆପଣ ମୋତେ ଡାକିଲେ ମୁଁ ଚିନ୍ତା କଲି କି ବୋଧହୁଏ ଆଜି ଆପଣ କୌଣସି ଅସୁବିଧାରେ ପଡିଛନ୍ତି ଯାହାଫଳରେ କୌଣସି କର୍ମଚାରୀଙ୍କୁ ନପଠାଇ ସ୍ୱୟଂ ଆସିଛନ୍ତି । ତେଣୁ କବାଟ ଖୋଲିବା ପୂର୍ବରୁ ମୁଁ ଚିନ୍ତା କଲି ସମ୍ଭବତଃ ଆପଣ କୌଣସି ଅସୁବିଧାରେ ପଡିଛନ୍ତି ସେଥିପାଇଁ ସାଥିରେ ତିନୋଟି ଜିନିଷ ନେଇ ଆସିଛି । ଗୋଟିଏ ହେଲା ଖଣ୍ଡା ଯାହାକି ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବାରେ ମୋ କାମରେ

ଆସିବ । ଦ୍ୱିତୀୟଟି ଥଳି ଯେଉଁଥିରେ ମୋର ବର୍ଷକର ଜମା ପୁଞ୍ଜି ରହିଛି । ଯାହାକୁ ମୁଁ ମାଟି ତଳେ ପୋତି ରଖିଥିଲି ଏବଂ ତାହାକୁ ବାହାର କରିବାରେ ବିଳମ୍ବ ହେଲା । ପୁଣି ଚିନ୍ତା କଲି ବୋଧେ ଆପଣଙ୍କ ଘରେ କେହି ଅସୁସ୍ଥ ହୋଇ ପଡ଼ିଥିବେ । ତେଣୁ ସେବା କରିବା ନିମନ୍ତେ ମୁଁ ମୋ ସ୍ତ୍ରୀ କୁ ସଙ୍ଗରେ ଧରି ଆସିଛି । ପୁଞ୍ଜିପତି ଜଣକ କହିଲେ ମିତ୍ର ବର୍ତମାନ ମୋର କୌଣସି ସହାୟତାର ଆବଶ୍ୟକତା ନାହିଁ ଏବଂ ମୋର କୌଣସି ସମସ୍ୟା ମଧ୍ୟ ନାହିଁ । ବର୍ତମାନ ମୁଁ କେବଳ ନିଜ ପୁତ୍ରକୁ ଶିକ୍ଷା ଦେବାକୁ ତୁମ ନିକଟକୁ ଆଣିଛି । ହଜରତ ମସିହ ମଉଦ[ଆ.ସ] କୁହନ୍ତି ଏହା ଏକ ସଚ୍ଚୋଟ ଓ ନିଷ୍ପାପର ବନ୍ଧୁତାର ଉଦାହରଣ । କିନ୍ତୁ ଏହା ଠାରୁ ବଳି ଘନିଷ୍ଠ ସମ୍ପର୍କ ଜଣେ ନିଜ ସୃଷ୍ଟିକର୍ତା ସହ ସ୍ଥାପିତ କରିବା ଉଚିତ ଏବଂ ତାଙ୍କ ପାଇଁ ନିଜ ଧନ,ଜୀବନ ସବୁକିଛି ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ । ଯେପରି ଜଣେ ବନ୍ଧୁ କେତେବେଳେ ନିଜର ମନେଇଥାଏ ତ କେତେବେଳେ ବନ୍ଧୁର କଥା ମାନି ଥାଏ । ସେହିପରି ଅଲ୍ଲାଃଙ୍କ ମାର୍ଗରେ ନିଷ୍ପାପର ଭାବରେ ତ୍ୟାଗ କରିଚାଲ । ଦେଖ ଅଲ୍ଲାଃ ଆମର କେତେ ଦୁଆ ସ୍ୱୀକାର କରୁଛନ୍ତି, ଯଦ୍ୱାରା ଦିବାରାତ୍ରୀରେ ଆମେ ତାଙ୍କ ପ୍ରଦତ ପୁରସ୍କାରରୁ ଉପକୃତ ହୋଇ ଚାଲିଛେ । ଆମ ଆରାମ ଓ ସୁଖଶାନ୍ତି ନିମନ୍ତେ ସେ କେତେ କ'ଣ ଆମ ସେବାରେ ଲଗାଇ ଦେଇଛନ୍ତି । ସେ ସବୁ ଦେଖି ଚିନ୍ତା କରିବା କଥା ଯେ, ଆମେ କେଉଁ ହକ୍‌ରେ ତାଙ୍କର ଏହି ପ୍ରଦତ ବସ୍ତୁ ଗୁଡିକୁ ବ୍ୟବହାର କରି ଉପକୃତ ହୋଇଚାଲିଛେ । ପୁଣି ଅଲ୍ଲାଃ ଆମର କେତେ ଆଶା ଅଭିଳାଷା ପୂରଣ କରୁଛନ୍ତି । ସେଥିରେ ଯଦି ଗୋଟିଏ କିମ୍ବା ଦୁଇଟି ପୂରଣ ନହୁଏ ତେବେ କିପରି ଲୋକେ ଅଲ୍ଲାଃଙ୍କ ଠାରୁ ଆସ୍ଥା ତୁଟାଇ ଦେଇଥାନ୍ତି । ପ୍ରକୃତରେ ଦୁଃଖ ହେଉ କିମ୍ବା ସୁଖ ଆମକୁ ପ୍ରତ୍ୟେକ ଅବସ୍ଥାରେ ଅଲ୍ଲାଃଙ୍କ ସହ ଆସ୍ଥା ଓ ସମ୍ପର୍କରେ କୌଣସି ଫରକ୍ ଆଣିବା ଅନୁଚିତ୍ ।

**(ଅନୱାରୁଲ ଉଲୁମ୍,ଖଣ୍ଡ-୧୮,ପୃଷ୍ଠା-୩୮୨-୩୮୪)**

ତେଣୁ ଯେଉଁମାନେ ସଠିକ୍ ଭାବରେ ନମାଜ ପାଠ କରିନଥାନ୍ତି ଏବଂ ସଂସାର ଅପେକ୍ଷା ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଶ୍ରୁତି ପ୍ରତି ଯତ୍ନବାନ ନୁହନ୍ତି । ସେମାନଙ୍କୁ ନିଜ ଅବସ୍ଥାର ଅନୁଧ୍ୟାନ କରିବା ଉଚିତ । ଯେଉଁମାନେ ଏହି (ପାଶ୍ଚାତ୍ୟ)ଦେଶକୁ ଆସି ନିଜ ଅସିବାର ଲକ୍ଷ ଭୁଲି ଯାଇଛନ୍ତି ଯାହା କେବଳ ଅହମଦୀୟତ ଯୋଗୁଁ ସେମାନଙ୍କୁ ଏଠାରେ ସବୁକିଛି ମିଳିଲା । ସେଥିପାଇଁ ସେମାନଙ୍କୁ ଜମାତ୍‌ର ଅଧିକରୁ ଅଧିକ ସେବାରେ ସର୍ବଦା ତତ୍ପର ରହିବା ଉଚିତ । କିନ୍ତୁ ସେମାନେ ଏହା ଭୂଲି ଯାଉଛନ୍ତି । ଏବଂ ଅନେକ ସମୟରେ ଏ ଅଭିଯୋଗ କରିବା ଆରମ୍ଭ କରିଦିଅନ୍ତି । ଏପରି ଲୋକେ ନାଁ ତ ଜଣେ ଭଲ ଉପାସକ ନାଁ ହିଁ ବିଶ୍ୱସ୍ତ । ଯେକରି କି ହଜରତ ମସିହ ମଉଦ[ଆ.ସ] କହିଛନ୍ତି ବିଶ୍ୱସ୍ତ ଦୁଃଖ ଓ ସୁଖରେ, ସୁବିଧା ଓ ଅସୁବିଧା ପ୍ରତ୍ୟେକ ଅବସ୍ଥାରେ ଏପରି ହେବା ଉଚିତ୍ ଯେ ଯାହାର ଉଚ୍ଚମାନ ପ୍ରତିଷ୍ଠା ହେଉଥିବ । ଅଲ୍ଲାଃଙ୍କ ପାଇଁ ସର୍ବଦା ତା' ଆସ୍ଥାନରେ ବଳିଦାନ ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ ।

ମୁଁ ଯେଉଁ ଘଟଣା ବନ୍ଧୁତ୍ୱର କର୍ତବ୍ୟ ବିଷୟରେ ଶୁଣାଇଲି ତାହା ପୈଗମ୍ବର ଏବଂ ଅଲ୍ଲାଃତାଲାଙ୍କ ଭକ୍ତ ମାନଙ୍କ ଉପରେ କିଭଳି ପ୍ରତିପାଦିତ ହେଉଛି । ତାକୁ ଅତି ସୁନ୍ଦର ଭାବେ ହଜରତ ମୁସଲେଃ ମଉଦ[ର.ଅ] ବର୍ଣ୍ଣନା କରିଛନ୍ତି; କୁହନ୍ତି ଯେଉଁଠି ପ୍ରେମ ଥାଏ ସେଠାରେ ପ୍ରମାଣ ପଚରା ଯାଇନ ଥାଏ । ସେଠାରେ ମନୁଷ୍ୟ ପ୍ରଥମେ ମାନିନେବାର ଘୋଷଣା କରିଥାଏ । ପୁଣି ଏହା ଭାବିଥାଏ ଯେ ମୁଁ ଏହି ଆଦେଶର ପାଳନ କିପରି କରିବି । ଏପରି ଅବସ୍ଥା ନବୀମାନଙ୍କର ହୋଇଥାଏ । ଯେବେ ଅଲ୍ଲାଃତାଲାଙ୍କର ପ୍ରଥମ ବାଣୀ ଅବତୀର୍ଣ୍ଣ ହୋଇଥାଏ । ସେତେବେଳେ ଅଲ୍ଲାଃତାଲାଙ୍କ ପ୍ରେମ ତାଙ୍କ ହୃଦୟରେ ଏତେ ପରିମାଣରେ ଭରି ହୋଇଥାଏ କି ସେମାନେ କୌଣସି ପ୍ରମାଣ ମାଗିନଥାନ୍ତି । ପୁଣି ଯେତେବେଳେ ଅଲ୍ଲାଃଙ୍କ ବାଣୀ କାନରେ ପଡ଼ିଥାଏ ସେତେବେଳେ ସେମାନେ ଏହା କୁହନ୍ତି ନାହିଁ ଯେ ହେ ଆମର ପାଳନ କରତା ! କ'ଣ ତୁମେ ଆମ ସହ ପରିହାସ କରୁଛ । ଆମେ କିଏ ଏ କାମ କ'ଣ ? ବରଂ ସେମାନେ ଏହା କହିଥାନ୍ତି ଯେ ହେ ଆମର ପାଳନ କରତା ! ବହୁତ ଭଲ । ଏହା କହିବା ସହ କାମ ପାଇଁ ଛିଡ଼ା ହୋଇ ଯାଆନ୍ତି । ତା' ପରେ ଯାଇ ଚିନ୍ତା କରନ୍ତି କି ଏବେ ସେମାନଙ୍କୁ କାମ କ'ଣ କରିବା ଉଚିତ୍ । ଏହି ଭଳି ଭାବେ ହଜରତ ମୁହମ୍ମଦ[ସ.ଅ] କରିଥିଲେ । ଏବଂ ଏହା ହିଁ ହଜରତ ମସିହ ମଉଦ[ଆ.ସ] ସେହି ରାତ୍ରିରେ କରିଥିଲେ । ଅଲ୍ଲାଃ କହିଲେ ଉଠ ଏବଂ ସଂସାରବାସୀଙ୍କ ସଦ୍‌ଗତି ନିମନ୍ତେ ଛିଡ଼ା ହୋଇଯାଅ । ସେ ଅତି ଶୀଘ୍ର ଛିଡ଼ା ହୋଇଗଲେ । ପୁଣି ଭାବିବାକୁ ଲାଗିଲେ ଯେ ମୁଁ ଏ କାର୍ଯ୍ୟ କିପରି କରିବି । ତେଣୁ ୫୦ ବର୍ଷ ପୂର୍ବେ (ସେତେବେଳେ ଆପଣ ୫୦ ବର୍ଷ କହିଥିଲେ ଏବଂ ଆଜି ସେ କଥାକୁ ପ୍ରାୟ ୧୨୫ ବର୍ଷ ବିତିଗଲାଣି । ବରଂ ଆଜକୁ ୧୨୬-୨୭ ବର୍ଷ ହୋଇ ଗଲାଣି ।) ସେହି ଐତିହାସିକ ରାତ୍ରି ଯାହା ସଂସାରର ଭବିଷ୍ୟ ବିପ୍ଳବ ପାଇଁ ବିରାଟ ଅସ୍ତ୍ର ସାବ୍ୟସ୍ତ ହେବ । ଯାହା ହେବାକୁ ଯାଉଥିବା ନୂତନ ସଂସାର ପାଇଁ ପ୍ରାରମ୍ଭିକ ରାତ୍ରି ଓ ପ୍ରାରମ୍ଭିକ ଦିନ ବୋଲି ଘୋଷିତ ହେବ । ଯଦିଆମେସେହି ରାତ୍ରିର ଦୃଶ୍ୟପଟ୍ଟ ବିଷୟରେ ଭାବିବା ତେବେ ନିଃସନ୍ଦେହରେ ଆମ ହୃଦୟ ସେହି ଖୁସିକୁ ଆଉ ଏକ ଦୃଷ୍ଟିରେ ଦେଖିବ ଆମମାନଙ୍କ ମଧ୍ୟରେ କେତେ ଅଛନ୍ତି ଯେଉଁମାନେ ଏହା ଭାବୁଛନ୍ତି ଯେ ଉକ୍ତ ଖୁସି ତାଙ୍କୁ କେଉଁ ମୁହୂର୍ତ ଯୋଗୁଁ ମିଳିପାରିଛି । ଅର୍ଥାତ୍ ସେହି ଲୋକମାନେ ଯେଉଁମାନେ ହଜରତ ମସିହ ମଉଦ[ଆ.ସ]ଙ୍କ ଦୀକ୍ଷାରେ ଅନ୍ତର୍ଭୁକ୍ତ ହେଲେ, ତାଙ୍କୁ ଏ ଖୁସି କେଉଁ କର୍ମ ଯୋଗୁଁ ପ୍ରାପ୍ତ ହେଲା । ଏବଂ କେଉଁ ରାତ୍ରି ପରେ ତାଙ୍କ ଉପରେ କୃତକାର୍ଯ୍ୟ ଓ ସଫଳତାର ଏ ଦିନ ଉଦୟ ହେଲା । ଅନେକ ଲୋକ ମସିହ ମଉଦଙ୍କ ଅପେକ୍ଷାରେ ମରିଗଲେ । କିନ୍ତୁ ଯେଉଁମାନେ ତାଙ୍କୁ ମାନିନେଲେ, ସେମାନେ ଏହା ଭାବୁଛନ୍ତି ଏବଂ ଏପରି ଭାବୁଛନ୍ତି ଯେ ଏ ଖୁସି ଓ ଏ ଆନନ୍ଦ ଏବଂ ଏ କୃତକାର୍ଯ୍ୟ ଓ ଏ ସଫଳତାର ଦିନ ତାଙ୍କୁ ସେହି ମୁହୂର୍ତ ଏବଂ ସେହି ରାତ୍ରି ଯୋଗୁଁ ମିଳିପାରିଛି । ଯେଉଁଥିରେ ଜଣେ ଏକୁଟିଆ ବ୍ୟକ୍ତି ଯେକି ସାଂସାରିକ ଦୃଷ୍ଟିରେ ଦୁର୍ବଳ ଥିଲା । ତାଙ୍କୁ ଅଲ୍ଲାଃ କହିଲେ, ଉଠ ଏବଂ ସଂସାରବାସୀଙ୍କ ସଦ୍‌ଗତି ନିମନ୍ତେ ଛିଡ଼ା ହୋଇଯାଅ । ସେ କହିଲେ ହେ ମୋର ପାଳନ କରତା ! ମୁଁ ଛିଡ଼ା ହୋଇଗଲି । ଏହା ସେହି ବିଶ୍ୱସ୍ତତା ଥିଲା,ଏହା ସେହି ପ୍ରେମର ପ୍ରକୃତ ଦୃଶ୍ୟଥିଲା , ଯାହାକୁ ଅଲ୍ଲାଃତାଲା ଗ୍ରହଣ କଲେ । ଏବଂ ସେ(ଅଲ୍ଲାଃ) ନିଜ କୃପା ଓ ଦୟା ତାଙ୍କୁ ପ୍ରଦାନ କରିଥିଲେ । କାନ୍ଦିବା ଏବଂ ହସିବା ଦୁଇଟି ଯାକ ଅଲ୍ଲାଃଙ୍କ ମହାନତା ଠାରୁ ଦୂର ଅଟେ । ଅଲ୍ଲାଃ ନାଁ ତ କାନ୍ଦନ୍ତି ନାଁ ହିଁ ହସନ୍ତି । କିନ୍ତୁ ପ୍ରେମର ବାର୍ତାଳାପରେ ଏପରି ଭାବେ ଆସି ଯାଇଥାଏ । ଯେତେବେଳେ ଜଣେ ସାହାବି ଅତିଥି ସତ୍କାର କଲେ । ଅଲ୍ଲାଃତାଲା ତାଙ୍କ କଥାରେ ଖୁସି ହେଲେ ଏବଂ ହସି ପଡ଼ିଲେ ।

**(ବୁଖାରୀ,ହଦିସ୍ ନଂ-୩୭୯୮)** ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ,ତେଣୁ ମୁଁ କହୁଛି ଯେ ଯଦି ଅଲ୍ଲାଃଙ୍କ ପାଇଁ ବି କାନ୍ଦିବା ପ୍ରଯୁଜ୍ୟ ହୋଇଥାନ୍ତା, ଯଦି ଅଲ୍ଲାଃଙ୍କ ପାଇଁ ହସିବା ପ୍ରଯୁଜ୍ୟ ହୋଇଥାନ୍ତା । ତେବେ ଯେଉଁ ସମୟରେ ଅଲ୍ଲାଃ ହଜରତ ମସିହ ମଉଦ[ଆ.ସ]ଙ୍କୁ କହିଲେ ଯେ ମୁଁ ତୁମକୁ ସଂସାରର ସୁଧାର ନିମନ୍ତେ ଛିଡ଼ାକରୁଛି । ଏବଂ ଆପଣ ଅତି ଶୀଘ୍ର ଛିଡ଼ା ହୋଇଗଲେ । ଆପଣ ଏତିକି ଭାବିଲେ ନାହିଁ କି ଏ କାମ ମୋ ଦ୍ୱାରା ହେବ କିପରି ? ଯଦି ସେ ସମୟରେ ଅଲ୍ଲାଃଙ୍କ ପାଇଁ କାନ୍ଦିବା ହୋଇଥାନ୍ତା ତେବେ ମୁଁ ନିଃସନ୍ଦେହରେ ଜାଣିଛି ଯେ ଅଲ୍ଲାଃ କାନ୍ଦି ପକାଇଥାନ୍ତେ । ଯଦି ଅଲ୍ଲାଃଙ୍କ ପାଇଁ ହସିବାର ହୋଇଥାନ୍ତା ତେବେ ସେ ନିଃସନ୍ଦେହରେ ହସିପକାଇ ଥାନ୍ତେ । ସେ ହସିଥାନ୍ତେ ସେହି ମୁର୍ଖାମୀର ଦାବୀ ଉପରେ ଯାହା ସମଗ୍ର ସଂସାରର ମୁକାବିଲା ନିମନ୍ତେ ଏକ ଦୁର୍ବଳ ବ୍ୟକ୍ତି କରିଥିଲା । ଏବଂ ସେ କାନ୍ଦି ପକାଇଥାନ୍ତା ସେହି ପ୍ରେମର ଆଗ୍ରହ ଉପରେ ଯାହା ସେହି ନିସହାୟ ଆତ୍ମା ଅଲ୍ଲାଃଙ୍କ ପାଇଁ ପ୍ରକାଶ କରିଥିଲା । ଏହି ସତ୍ୟ ବନ୍ଧୁତା ଥିଲା ଯାହା ଅଲ୍ଲାଃଙ୍କୁ ପସନ୍ଦ ଆସିଲା । ଏହିପରି ରଙ୍ଗର ବନ୍ଧୁତା ସଂସାରରେ କାମ ଆସିଥାଏ । ପୁଣି ଆପଣ ସେହି ଘଟଣା ବର୍ଣ୍ଣନା କଲେ ଯାହା ମୁଁ ଦୁଇ ଗୋଟି ଗରିବ ଓ ଧନି ବନ୍ଧୁଙ୍କର ବର୍ଣ୍ଣନା କଲି । ପୁଣି କୁହନ୍ତି; ଯାହା ପୂର୍ବରୁ ବର୍ଣ୍ଣନା କରାଯାଇଛି ତାହା ଉତମ ଉଦାହରଣ ଅଟେ । ମନୁଷ୍ୟ ଏପରି ଭାବନାକୁ ଦେଖି ନିଜ ହୃଦୟରେ ଉତେଜନା ସୃଷ୍ଟି କରି ରହିପାରି ନଥାଏ । କିନ୍ତୁ ସେହି (ସଂସାରିକ) ବନ୍ଧୁତାର ପରିପ୍ରକାଶ ସେହି (ଆଧାତ୍ମିକ)ବନ୍ଧୁତାର ମୁକାବିଲାରେ ମୂଲ୍ୟହୀନ, ଯାହା ନବୀ ନିଜ ଅଲ୍ଲାଃଙ୍କ ନିମନ୍ତେ ପ୍ରକାଶ କରିଥାନ୍ତି । ସେଥିରେ ପାହୁଣ୍ଡ ପାହୁଣ୍ଡରେ ବିପଦ ହୋଇଥାଏ, ବଳିଦାନ ଦେବାକୁ ପଡ଼ିଥାଏ । ତେଣୁ ନବୀଙ୍କ ଉତର ନିଜ ଅଲ୍ଲାଃଙ୍କୁ ସେହିଭଳି ହୋଇଥାଏ ବରଂ ତା' ଠାରୁ ବଳି ହୋଇଥାଏ । ଯେପରି ସେହି ଗରିବ ବ୍ୟକ୍ତି ଧନି ବ୍ୟକ୍ତିକୁ ଦେଇଥିଲା । ନିଃସନ୍ଦେହରେ ବୁଦ୍ଧି ବିବେକ ଦୃଷ୍ଟରୁ ତାକୁ ଦେଖିଲେ ଏବଂ ବିତର୍କତା ଦୃଷ୍ଟିକୋଣରୁ ଚିନ୍ତା କଲେ ଜଣାପଡ଼େ ଯେ ସେହି ଗରିବ ବ୍ୟକ୍ତିର କାର୍ଯ୍ୟକଳାପ ହସିବା ଯୋଗ୍ୟ ହୋଇଥାଏ । କାରଣ ସେହି ଧନୀ ବ୍ୟକ୍ତିର ହଜାର ହଜାର ସଂଖ୍ୟାରେ ଚାକର ଥିଲେ । ସେମାନଙ୍କ ରହିବା ସତ୍ୱେ ତାଙ୍କ ସ୍ତ୍ରୀ ଅଧିକ ଆଉ କ'ଣ କାମ କରିଥାନ୍ତା । ସେହିଭଳି ସେ ଲକ୍ଷପତି ଥିଲା । ତାକୁ ଶହେ ଦେଢ଼ ଶହ ଟଙ୍କାର ଥଳି କ'ଣ ଲାଭ ଦେଇ ପାରିଥାନ୍ତା । ଖୁଦ୍ ତାର ଅନେକ ଦରବାନ ଅଙ୍ଗରକ୍ଷକ ଥିଲେ ତାକୁ ତା'ବନ୍ଧୁର ତରବାରୀ କ'ଣ ଲାଭ ଦେଇ ପାରିଥାନ୍ତା । କିନ୍ତୁ ସେ ପ୍ରେମର ଉତେଜନାରେ ସେ ଏହା ଭାବିଲା ନାହିଁ କି ମୋ ତରବାରୀ କ'ଣ କାମ ଆସିବ । ମୋର ଅଳ୍ପ ପଇସା କ'ଣ କାମ ଆସିବ । ମୋ ସ୍ତ୍ରୀ କ'ଣ ସେବା କରିବ । ସେ ମାତ୍ର ଏତିକି ଭାବି ପାରିଲା କି ମୋ ପାଖେ ଯାହା କିଛି ଅଛି ମୁଁ ତାକୁ ସମର୍ପିତ କରିଦେବି । ଯେତେବେଳେ ପ୍ରେମର ସୀମା ଲଙ୍ଘନ ସମୟ ଉପନିତ ହୋଇଥାଏ ସେ ସମୟରେ ବୁଦ୍ଧି ବିବେକ କିଛି କାମରେ ଆସି ନଥାଏ । ପ୍ରେମ ବୁଦ୍ଧି ବିବେକକୁ ପାର୍ଶ୍ୱକୁ ପକାଇ ଦେଇଥାଏ । ଏବଂ ପ୍ରେମ ଚିନ୍ତାକୁ ଭୂଲାଇ ଦେଇଥାଏ । ପୁଣି ପ୍ରେମ ଆପେ ସାମନାକୁ ଆସି ଯାଇଥାଏ । ଯେପରି ଏକ ଚିଲ କୁକୁଡ଼ା ଛୁଆ ଉପରକୁ ଆକ୍ରମଣ କରିଥାଏ, ସେତେବେଳେ କୁକୁଡ଼ା ଛୁଆଙ୍କୁ ଏକତ୍ର କରି ନିଜ ପର ଭିତରେ ଲୁଚାଇ ନେଇଥାଏ । ଅନେକ ସମୟରେ ପ୍ରେମଏପରି ଏପରି କାମ କରାଇ ନେଇଥାଏ,ସଂସାରବାସୀ ତାକୁ ପାଗଳାମୀର କାମ କହିଥାନ୍ତି । କିନ୍ତୁ ପ୍ରକୃତ କଥା ଏହା ଯେ ସେହି ପାଗଳ ପଣିଆ ସଂସାରର ସମସ୍ତ ବୁଦ୍ଧି ବିବେକ ଠାରୁ ଅଧିକ ମୂଲ୍ୟବାନ ହୋଇଥାଏ । ଏବଂ ଦୁନିଆର ସମସ୍ତ ବୁଦ୍ଧି ବିବେକ ସେହି ଏକ ପାଗଳ ପଣିଆ କାମ ଉପରେ ଉତ୍ସର୍ଗ କରାଯାଇପାରେ । କାରଣ ପ୍ରକୃତ ବୁଦ୍ଧି ବିବେକ ପ୍ରେମରୁ ହିଁ ଜାତ ହୋଇଥାଏ । ଏହା ମନେରଖିବା ଜିନିଷ ଯେ ଅସଲବୁଦ୍ଧି ବିବେକ ତାହା ଯେକି ପ୍ରେମରୁ ସୃଷ୍ଟି ହୋଇଥାଏ । ନବୀଙ୍କୁ ଯେତେବେଳେ ବାଣୀ ଆସିଥାଏ କି ଅଲ୍ଲାଃ ପୃଥିବୀ ଓ ଆକାଶର ସୃଷ୍ଟିକରତା । ସମ୍ମାନ ଓ ମହାନତାର ସୃଷ୍ଟିକାରୀ । ରାଜାକୁ ଭିକାରୀ, ଭିକାରୀକୁ ରାଜା କରିବାବାଲା, ସାମ୍ରାଜ୍ୟକୁ ସ୍ଥାପିତ କରିବାବାଲା ଏବଂ ଛାରଖାର କରିବାବାଲା, ଧନ ସମ୍ପତି ଦେବାବାଲା ଏବଂ ନେବାବାଲା, ଖାଦ୍ୟ ଦେବାବାଲା ଏବଂ ଖାଦ୍ୟ ଛଡ଼ାଇ ନେବାବାଲା ପୃଥିବୀ ଓ ଆକାଶର ଅଣୁ ଏବଂ ବିଶ୍ୱର ମାଲିକ ଅଲ୍ଲାଃ ଜଣେ ଦୁର୍ବଳ,ଅସହାୟ ମନୁଷ୍ୟକୁ ବାଣୀ କରିଥାନ୍ତି ଯେ ମୁଁ ସାହାଯ୍ୟ ଚାହୁଁଛି । ମୋର ସାହାଯ୍ୟ କର । ସେହି ଅସହାୟ,ଦୁର୍ବଳ ମନୁଷ୍ୟ ବୁଦ୍ଧି ଓ ବିବେକ ଦ୍ୱାରା କାମ କରି ନଥାଏ । ସେ ଏହା କହି ନଥାଏ ଯେ ହୁଜୁର କ'ଣ କହୁଛ ? କ'ଣ ହୁଜୁର ସାହାଯ୍ୟର ଲୋଡ଼ା ଅଛି କି? ହେ ଅଲ୍ଲାଃ ତୁମେ ସାହାଯ୍ୟ ଲୋଡ଼ା ଚାହୁଁଛ ? ଆପଣ ତ ପୃଥିବୀ ଓ ଆକାଶର ଅଧିଶ୍ୱର । ମୁଁ କାଙ୍ଗାଳ, ଗରିବ, ଦୁର୍ବଳ ଓ ଅସହାୟ ଆପଣଙ୍କର କ'ଣ ବା ସାହାଯ୍ୟ କରିବି ? ସେ ଏହା କହି ନଥାଏ ବରଂ ସେ ଗରିବ, ଦୁର୍ବଳ ଓ ଅସହାୟର ଶରୀରକୁ ନେଇ ଛିଡ଼ା ହୋଇଯାଏ ଏବଂ କହିଥାଏ କି ମୁଁ ଉପସ୍ଥିତ ଅଛି । ମୁଁ ଉପସ୍ଥିତ ଅଛି । କିଏ ଅଛି ଯେ ଏହି ମନଭାବର ଗଭିରତାର କଳ୍ପନା କରିପାରିବ । ତା' ବ୍ୟତୀତ ଯାହାକୁ ପ୍ରେମର ମିଠାରୁ ଅଳ୍ପ କିଛି ମିଳି ପାରିଥାଏ । ଆପଣ କୁହନ୍ତି; ଯାହାକି ପୂର୍ବରୁ ଚର୍ଚ୍ଚା ହୋଇ ଯାଇଛି । ଆଜକୁ ୫୦ ବର୍ଷ ପୂର୍ବେ (ସେହି ସମୟ ଏବଂ ଆଜିର ସମୟ ୧୨୬ ବର୍ଷ ପୂର୍ବେ )ସେହି ଅଲ୍ଲାଃ ପୁଣି ଏ ସ୍ୱର ଉତୋଳନ କଲେ । ଏବଂ ଅଜଣା କାଦିଆନ ବସ୍ତିରେ ପଡ଼ି ରହିଥିବା ଜଣେ ମନୁଷ୍ୟକୁ କହିଲା କି ମୋତେ ସାହାଯ୍ୟର ଆବଶ୍ୟକତା ଅଛି । ମୋତେ ସଂସାରରେ ବିକୃତ କରି ଦିଆଯାଇଛି । ମୋର ସଂସାରରେ ଏବେ କୌଣସି ସମ୍ମାନ ନାହିଁ । ଦୁନିଆରେ ମୋର କେହି ନାମ ସ୍ମରଣ କରିବା ଲୋକ ନାହାନ୍ତି । ମୁଁ ଅସହାୟ ନିରହ ମାତ୍ର । ହେ ମୋର ଭକ୍ତ ! ମୋର ସାହାଯ୍ୟକୁ ଆସ । ସେ ଏହା ଭାବିଲା ନାହିଁ ଯେ ଏପରି କହିବାବାଲା କିଏ ? ଏବଂ ଯିଏ କଥା କହୁଛି ଏବଂ ଯାହା ସହିତ କଥା କୁହାଯାଉଛି ସେ କିଏ ? ତାର ବୁଦ୍ଧି ବିବେକ ଏହା ପଚାରିଲା ନାହିଁ ଯେ ମୋତେ ଗଢ଼ିବା ଲୋକ ନିକଟରେ ସମସ୍ତ ଶକ୍ତି ଅଛି କୁହ ମୁଁ ତା'ର କ'ଣ ସାହାଯ୍ୟ କରିବି ? ତା'ର ପ୍ରେମ ଅର୍ଥାତ୍ ଅଲ୍ଲାଃଙ୍କ ପ୍ରେମ ତା

ହୃଦୟରେ ଏକ ନିଆଁ ଲଗାଇ ଦେଲା । ଯେବେ ଅଲ୍ଲାଃଙ୍କ ସନ୍ଦେଶ ମିଳିଲା, ସେତେବେଳେ ଏକ ନିଆଁ ଲାଗିଗଲା । ଏବଂ ପାଗଳପ୍ରେମୀ ପରି ଅସହାୟ ସତ୍ୱେ ଛିଡ଼ା ହୋଇଗଲା । ଏବଂ କହିଲା ହେ ମୋ ପାଳନ କରତା ମୁଁ ଉପସ୍ଥିତ ଅଟେ । ମୁଁ ଧର୍ମକୁ ନଷ୍ଟ ହେବାରୁ ବଂଚାଇବି ।

**(ଅଲ୍ ଫଜଲ୍, ୨୫ ଜାନୁଆରୀ ୧୯୪୦,ଖଣ୍ଡ-୨୮,ନଂ-୧୫,ପୃଷ୍ଠା-୮-୧୦)**

ତେଣୁ ଆଜି ଅମେ ଅଲ୍ଲାଃଙ୍କ ପ୍ରେମରେ ଲୀନ ହୋଇ ଧର୍ମକୁ ସଂସାରରେ ପରିବ୍ୟାପ୍ତ କରିବାର ପ୍ରତିଶ୍ରୁତି ବଦ୍ଧ ଓ ହଜରତ ମୁହମ୍ମଦ[ସ.ଆ] ଙ୍କ ଦାସଙ୍କର ହାତରେ ବୟତ କରିଥିବାର ଆମେ ଯେଉଁ ଘୋଷଣା କରୁଛେ ଏବଂ ଆମେ ବୁଝିଛେ ଯେ ହଜରତ ମସିହ ମଉଦ[ଆ.ସ]ଙ୍କ ଆଗମନ ଫଳରେ ଅଲ୍ଲାଃଙ୍କ ପ୍ରତିଶ୍ରୁତି ଓ ହଜରତ ମୁହମ୍ମଦ[ସ.ଆ]ଙ୍କ ଭବିଷ୍ୟବାଣୀ ପୂରଣ ହୋଇଛି । ପୁଣି ଆପଣଙ୍କ ମାଧ୍ୟମରେ ହିଁ ଇସଲାମ ସଂସାରର କୋଣେ କୋଣେ ବିସ୍ତାର ଲାଭ କରି ଚାଲିଛି । ତେବେ ଆପଣଙ୍କ ହାତରେ ବୟତ କରି ବର୍ତମାନ ଆମକୁ ଏହି କାର୍ଯ୍ୟରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ଉଚିତ । ଯଦ୍ୱାରା ଆପଣଙ୍କୁ ପ୍ରେମ କରିବା ସହ ଅଲ୍ଲାଃ ଓ ରସୁଲଙ୍କୁ ପ୍ରେମ କରିବାର ଆମର ଘୋଷଣା ସତ୍ୟ ପ୍ରମାଣିତ ହେବ । ଯେଭଳି ସେ ଗରିବ ବନ୍ଧୁ ନିଜ ପୁଞ୍ଜିପତି ବନ୍ଧୁର ସାହାଯ୍ୟ ପାଇଁ ପ୍ରସ୍ତୁତ ହୋଇ ବାହାରି ଆସିଥିଲା । ସେହିପରି ସମସ୍ତ ପ୍ରକାରର ବଳିଦାନ ନିମନ୍ତେ ପ୍ରସ୍ତୁତ ରହିବା ଉଚିତ । ଅଲ୍ଲାଃ ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

---

*ପୃଷ୍ଠା -୮ ର ଅବଶିଷ୍ଟାଂଶ.....*

ଯାହାର ପ୍ରୟୋଗ ଫଳରେ ବଡ ବଡ ଆଘାତ ଭଲ ହୋଇଯାଏ ଏବଂ ଦୂରଦୂରାନ୍ତରୁ ଲୋକେ ତାଙ୍କ ନିକଟକୁ ଚିକିତ୍ସ କରିବା ପାଇଁ ଆସନ୍ତି । ଉକ୍ତ ବ୍ୟକ୍ତିର ପୁତ୍ର ତାଙ୍କୁ ସେହି ଔଷଧର ପ୍ରସ୍ତୁତି ପ୍ରଣାଳୀ ପଚାରିଲା କିନ୍ତୁ ସେ ଉତର ଦେଲା ଏହାର ଜ୍ଞାନ ସଂସାରରେ ଦୁଇ ଜଣକୁ ହେବା ଉଚିତ ନୁହେଁ । ଏହା କେବଳ ମୋ ପାଖରେ ଥାଉ । ଶେଷରେ ବାର୍ଦ୍ଧକ୍ୟ ହେତୁ ସେ ରୋଗ ଶଯ୍ୟାରେ ପଡିଲା । ସେତେବେଳେ ପୁନଃ ତାଙ୍କ ପୁତ୍ର କହିଲା କି ବର୍ତମାନ ତ କହିଦିଅ । ଜୀବନର କୌଣସି ଭରଷା ନାହିଁ । ସେ କହିଲା ଯଦି ତୁ ଭାବୁଛୁ କି ମୁଁ ମରିଯିବି ତେବେ ମୁଁ ତାହାର ସୁତ୍ର କହିଦେଉଛି କିନ୍ତୁ ପୁଣି ଚିନ୍ତା କଲା ସମ୍ଭବତଃ ମୁଁ ସୁସ୍ଥ ହୋଇ ଯାଇପାରେ । ତେଣୁ ସେ କହିଲା ନାହିଁ । କିଛି ସମୟ ପରେ ସେ ମୃତ୍ୟୁ ବରଣ କଲା । ତାହା ପୁତ୍ର ପଚାରି ପଚାରି ରହିଗଲା କିନ୍ତୁ ଔଷଧର ସୁତ୍ର ଜାଣିପାରିଲା ନାହିଁ । ହୁଜୁର କୁହନ୍ତି କୃପଣତା ଉନ୍ନତିର ନୁହେଁ ବରଂ ଅବନତି ଓ ଦୁଃଖର ମୂଳମନ୍ତ୍ର ଶିକ୍ଷା ଦେବା କ୍ଷେତ୍ରରେ କଦାପି କୃପଣ ହେବା ଉଚିତ ନୁହେଁ ବରଂ ତାହାର ପ୍ରସାର ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ । ଏପରି କଳା ଓ ସୁତ୍ର ହାନିକାରକ ନୁହେଁ ବରଂ ହିତକାରକ, ଯେଉଁଥିରେ ଶିକ୍ଷାର ମଧ୍ୟ ଉନ୍ନତି ସାଧିତ ହୋଇଥାଏ । ମୋର ଇଚ୍ଛା କି ଏପରି ଲୁକ୍‌କାୟିତ ଥିବା ସୁତ୍ର ଓ କଳାକୁ ବିକାଶ ଧାରାରେ ଆଣି ଯୋଡିବା ଉଚିତ । ସୁତରାଂ ଡାକ୍ତରମାନଙ୍କର ପରସ୍ପର ପ୍ରତି ଥିବା ଈର୍ଷାପରାୟଣ ମନୋଭାବ,ଗର୍ବ ଆଦି କେଉଁଠାରେ ଅସୁବିଧାରେ ପକାଇଥାଏ ତ କେଉଁଠାରେ ମୁର୍ଖାମୀ ଯୋଗୁଁ ଉକ୍ତ ଶିକ୍ଷାକୁ ନାଷ କରିଥାଏ । ଯଦ୍ୱାରା ସଂସାରବାସୀ ସେଥିରୁ ଉପକୃତ ହେବାରୁ ବଂଚିତ ରହିଯାଇଥାନ୍ତି । ସାଧାରଣତଃ ଅର୍ଦ୍ଧ ବିକଶିତ ଓ ବିକଶିତ ରାଷ୍ଟ୍ରମାନଙ୍କରେ ଏପରି ଘଟିଥାଏ । ତେଣୁ ଆମ ଜମାଅତ ଏପରି ଚିନ୍ତାଧାରାର ଦୂରିକରଣ ନିମନ୍ତେ ବିଶେଷ ଧ୍ୟାନ ଦେବା ଉଚିତ । ଦେଖ ସବୁ ଲୋକ ସମାନ ପ୍ରବୃତିର ନଥାନ୍ତି କିଏ ନିଷ୍ଠାପରତାରେ ବେଶ ଆଗରେ ଥାଏ ତ କିଏ ମଧ୍ୟମ ଶ୍ରେଣୀର ଓ ଚଂଚଳ ସ୍ୱଭାବର । ଯଦିଓ ଉଦ୍ଦେଶ୍ୟ ମନ୍ଦ ନଥାଏ କିନ୍ତୁ କିଛି କଥାରେ ସେମାନେ ଏଭଳି ପ୍ରଶ୍ନ କିମ୍ବା କଥାବାର୍ତା କରିବସନ୍ତି ଯେଉଁଥିରୁ ଆପତିର ଗନ୍ଧ ଆସିଥାଏ । ଏପରି କିଛି ଲୋକଙ୍କ ଚର୍ଚ୍ଚା କରି ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଙ୍କ ସମୟରେ ଏଭଳି ଦୁଇ ଭିନ୍ନ ସ୍ୱଭାବର ବ୍ୟକ୍ତି ଏକତ୍ରିତ ହେଲେ । ୧୯୦୫ ମସିହା ଅପ୍ରେଲ ମାସ ୪ ତାରିଖରେ ଯେଉଁ ଭିଷଣ ଭୂମିକମ୍ପ ହୋଇଥିଲା । ଯାହା ସମ୍ପର୍କରେ ହୁଜୁର[ଆ.ସ] ବାରମ୍ବାର ଐଶ୍ୱରିକବାଣୀ ପାଇ ଆଗରୁ ସୂଚନା ଦେଇ ଆସୁଥିଲେ ଏବଂ ଆପଣ ସପରିବାର ବଗିଚାକୁ (କିଛିଦିନ ପାଇଁ) ଚାଲି ଯାଇଥିଲେ । ଏହି ସମୟରେ କେତେକ ଅଜ୍ଞ ବ୍ୟକ୍ତି କହିବା ଆରମ୍ଭ କରିଦେଲେ କି ଆପଣ ତାଉନ(ପ୍ଲେଗ ରୋଗ)ଭୟରେ ଏପରି କରିଛନ୍ତି । କିନ୍ତୁ ଏହା ସତ୍ୟ ନଥିଲା,ଆପଣ ତାଉନ ଭୟରେ କଦାପି ବଗିଚାକୁ ଯାଇନଥିଲେ

ଅତଏବ ଚଂଚଳ ସ୍ୱଭାବର ଲୋକେ,କେତେକ ସମୟରେ ଏପରି ମନଗଢା କଥା କହିବସନ୍ତି । ତେଣୁ ଏପରି କଥନରୁ ସର୍ବଦା ବନ୍ଧୁମାନଙ୍କୁ ନିବୃତ ରହିବା ଉଚିତ । ଖୁତବା ଇଲହାମିୟା ସମୟରେ ହଜରତ ମୁସଲେଃ ମଉଦ[ର.ଅ] ହୁଜୁର[ଆ.ସ] ଙ୍କର ଯେଉଁ ଜ୍ୟୋତିର୍ମୟ ଚେହେରାର ଝଲକ ଦେଖି ଥିଲେ ତାହାର ଚର୍ଚ୍ଚା କରି କୁହନ୍ତି-ସେତେବେଳେ ବୟସ କମ୍ ହେତୁ ମୁଁ ଆରବୀ ବୁଝିପାରୁ ନଥାଏ କିନ୍ତୁ ମୋର ଭଲ ଭାବରେ ମନେଅଛି । ଆପଣଙ୍କ ମୁଖମଣ୍ଡଳ ଏପରି ସୁନ୍ଦର ଓ ଜ୍ୟୋତିରେ ପରିପୂର୍ଣ ଦିସୁଥାଏ କି ଯଦିଓ ମୁଁ ବକ୍ତୃତାର ଗୋଟିଏ ଶବ୍ଦର ଅର୍ଥ ମଧ୍ୟ ବୁଝିପାରୁ ନଥାଏ ତଥାପି ବକ୍ତୃତାଟିକୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଣୁଥାଏ ।

କାଦିଆନ ସ୍ଥିତ ମସଜିଦ ମୁବାରକର ଗୁରୁତ୍ୱ ସମ୍ପର୍କରେ ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି କେତେକ ଲୋକ ପ୍ରଶ୍ନ କଲେ କି ଖୁତବା ଇଲହାମିୟା ସହ ହୁଜୁର[ଆ.ସ] ଙ୍କର ଯେଉଁ ପତ୍ରିକା ପ୍ରକାଶିତ ହୋଇଥିଲା ସେଥିରୁ ସ୍ପଷ୍ଟ ହେଉ ନାହିଁ ଯେ,ମସଜିଦ ମୁବାରକ କେଉଁଟି ଅଟେ । ଏହା ଶୁଣି ହଜରତ ମୁସଲେଃ ମଉଦ[ର.ଅ] ଖୁତବା ଇଲହାମିୟା ମଗାଇ ବୁଝାଇଲେ କି ଏଥିରେ ଏହି ମସଜିଦ (ମୁବାରକ) ସମ୍ପର୍କରେ ସୂଚନା ଦିଆଯାଇଛି । ଯାହାକି ହଜରତ ମସିହ ମଉଦ[ଆ.ସ] ନିର୍ମାଣ କରାଇଥିଲେ । ପୁଣି ଆପଣ କୁହନ୍ତି ଏକଦା ହଜରତ ଅମ୍ମାଜାନ[ର.ଅ] ପାଖାପାଖି ୪୦ ଦିନ ରୋଗ ଶଯ୍ୟାରେ ପଡିରହିଲେ । ତାଙ୍କର ଅବସ୍ଥା ଦେଖି ହୁଜୁର[ଆ.ସ] କହିଲେ ଏହି ମସଜିଦ ସମ୍ପର୍କରେ ଉକ୍ତ ଐଶ୍ୱରିକବାଣୀ ହୋଇଛି କି **ମୁବାରିକୁନ୍ ଓ ମୁବାରକୁନ୍ ଓ କୁଲ୍ଲୁ ଅମରିନ୍ ମୁବାରକିନ୍ ୟଜଅଲୁ ଫିହେ** ତେଣୁ ଚାଲ ସେହି ମସଜିଦରେ ଯାଇ ଔଷଧ ଖୁଆଇବା । ଅତଏବ ଏହିପରି କରାଗଲା ଓ ଏହାର ମାତ୍ର ଦୁଇ ଘଂଟା ଭିତରେ ହଜରତ ଅମ୍ମାଜାନ[ର.ଅ] ସମ୍ପୂର୍ଣ ସୁସ୍ଥ ହୋଇଗଲେ । ଡାକ୍ତରମାନଙ୍କୁ ଆପଣ ଉପଦେଶ ଦେଲେ ଯେ, ଧର୍ମସେବା ପ୍ରତି ଥିବା ନିଜ ନିଜର କର୍ତବ୍ୟ ସମ୍ପୁର୍ଣ୍ଣ କରିବା ଉଚିତ । ମନେରଖ ରୋଗୀମାନଙ୍କ ଉପରେ ସତ୍ୟର ପ୍ରଭାବ ଖୁବ ଶିଘ୍ର ହୋଇଥାଏ । ହଜରତ ମସିହ ମଉଦ[ଆ.ସ]ଙ୍କୁ ଜଣେ ଡାକ୍ତର ପ୍ରଶ୍ନ କଲେ-ମୁଁ କିପରି ଧର୍ମସେବା କରିପାରିବି । ଆପଣ ଉତର ଦେଲେ ତୁମେ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ଧର୍ମ ସମ୍ବନ୍ଧରେ ଅବଗତ କରାଅ । ତାହା ଖୁବ ସୁନ୍ଦର ଅବସର,ସେହି ଅବସ୍ଥାରେ ରୋଗୀର ହୃଦୟ ଖୁବ ନରମ ଥାଏ ।

ସୁତରାଂ ଏହି ଚିନ୍ତାଧାରା ବର୍ତମାନ (ଆମ) ଡାକ୍ତରମାନଙ୍କୁ ମନେରଖିବା ଉଚିତ । ଏହି ଚିନ୍ତାଧାରା ସହ କର୍ମ କରିବା ଫଳରେ ସଂସାର ପ୍ରାପ୍ତ ହେବା ସହ ଧର୍ମ ପ୍ରତି ଥିବା ଆମର କର୍ତବ୍ୟ ମଧ୍ୟ ସମ୍ପୁର୍ଣ୍ଣ ହୋଇଥାଏ । ଯାହାକି ଅଲ୍ଲାଃଙ୍କ କୃପା ହାସଲ କରିବାରେ ସହାୟ ହୋଇଥାଏ । ଆଜିକାଲି ୟୁରୋପରେ ଇସଲାମୀୟ ପରଦାକୁ ନେଇ ବେଶ ଚର୍ଚ୍ଚା ଚାଲିଛି ସେମାନଙ୍କ କହିବା କଥା, ମହିଳାମାନଙ୍କ ସଶକ୍ତିକରଣ ଓ ଆତଙ୍କବାଦକୁ ନିପାତ କରିବାରେ ଏହା ପ୍ରତିବନ୍ଧକ ସାଜିଛି । ପୁଣି ଏହି(ପରଦା)କୁ ନେଇ ସେମାନେ ଇସଲାମ ଉପରେ ଆପତି କରୁଛନ୍ତି । ଦେଖ ପବିତ୍ର କୋରାନରେ ଅଲ୍ଲାଃ ମହିଳାମାନଙ୍କ ରୂପ ଓ ସୌନ୍ଦର୍ଯ୍ୟ ସମ୍ବନ୍ଧରେ **ଇଲ୍ଲାଃ ମା ଜହରା ମିନହା** ଦର୍ଶାଇ ପରଦାର ସମସ୍ତ ଦିଗ ବର୍ଣ୍ଣନା କରିଦେଇଛନ୍ତି କି ମହିଳାମାନେ କିପରି ଅବସ୍ଥାରେ କେଉଁ ପ୍ରକାରର ପରଦା କରିବା ଉଚିତ । ଉକ୍ତ ପକ୍ତିଂର ସ୍ପଷ୍ଟିକରଣରେ ହଜରତ ମସିହ ମଉଦ [ଆ.ସ] ଯାହା କହିଛନ୍ତି ତାହାର ଚର୍ଚ୍ଚା କରି ହଜରତ ମୁସଲେଃ ମଉଦ[ର.ଆ] କୁହନ୍ତି- ଏହାର ଅର୍ଥ ଯେଉଁ ଅଙ୍ଗ ଆପେ ଆପେ ଉନ୍ମୁକ୍ତ ହୋଇଥାଏ, ଯେପରି ଶରୀରର ଉଚ୍ଚତା,ଯାହାକୁ ଚେଷ୍ଟା କରି ମଧ୍ୟ ପରଦା କରିବା ସମ୍ଭବ ହୋଇନଥାଏ ଏହାର ପ୍ରକାଶ କରିବାରେ ଶରିୟତ(ଧର୍ମ ବିଧାନ) ବାରଣ କରିନଥାଏ । ସେହିପରି ଶରୀରର କୌଣସି ଅଙ୍ଗ ଚିକିତ୍ସା ଉଦ୍ଦେଶ୍ୟରେ ଡାକ୍ତରଙ୍କୁ ଦେଖାଇବାକୁ ପଡିଲେ ସେଥିରେ ମଧ୍ୟ କଟକଣା ନାହିଁ । ସୁତରାଂ ଇସଲାମ ସ୍ୱାଧିନତା ପ୍ରଦାନ କରିବା ସହ ସୀମା ମଧ୍ୟ ନିର୍ଦ୍ଧାରଣ କରିଅଛି । ଏମିତି ନାହିଁ କି ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରିଦେଇଛି । ଆବଶ୍ୟକ ସ୍ଥଳେ ପରଦା କମ କରିବା ଅର୍ଥାତ ସୀମିତ କରିବାର ଅନୁମତି ଦିଆଯାଇଛି । କିନ୍ତୁ ତତ୍‌ସହିତ ଅନୁଚିତ ଭାବରେ ଇସଲାମର ଆଦେଶ ଉଲଙ୍ଘନ କରିବାର କଦାପି କାହାରିକୁ ଅନୁମତି ନାହିଁ । ସ୍ୱାଧିନତାର ଅର୍ଥ ନୁହେଁ ଯେ ନିର୍ଲଜ ପରି ଆଚରଣ କରିବ ।

ହଜରତ ମସିହ ମଉଦ[ଆ.ସ] ଙ୍କର ନିର୍ଦ୍ଦେଶ ଧାର୍ମିକ ଶିକ୍ଷା ଉପରେ ଗଭୀରତାର ସହ ଅନୁଧ୍ୟାନ କରିବା ସମ୍ପର୍କରେ ହଜରତ ମୁସଲେଃ ମଉଦ [ର.ଅ] କୁହନ୍ତି ମୁସଲମାନମାନଙ୍କ ସମସ୍ୟାର ମୂଳ କାରଣ ଏହା ଯେ ସେମାନେ ନିଜ ଶିକ୍ଷା ଉପରେ ଗଭୀରତାର ସହ ଅନୁଧ୍ୟାନ କରୁ ନାହାନ୍ତି । ଦେଖ ଧାର୍ମିକ ଶିକ୍ଷାରେ ଅନେକ ରହସ୍ୟ ଲୁକ୍‌କାୟିତ ଥାଏ । ତାହାକୁ ବୁଝିବା ପାଇଁ ଗଭୀର ଚିନ୍ତା ଓ ସାଧନା ଅନିବାର୍ଯ୍ୟ । ନଚେତ ଜଣେ ଭ୍ରମିତ ହୋଇ ପଥଭ୍ରଷ୍ଟ ହେବାର ସମ୍ଭାବନା ଥାଏ । ହଜରତ ମସିହ ମଉଦ[ଆ.ସ] ଏକ ସମ୍ମିଳନୀରେ କହିଥିଲେ ଯଦି ଈଶ୍ୱର ଭୟ ରଖି ଜଣେ ୧୦୦ ମହିଳାଙ୍କୁ ବିବାହ କରନ୍ତି ତେବେ ମଧ୍ୟ କୌଣସି ଅସୁବିଧା ନାହିଁ । ଏକ ସମୟରେ ଏହାକୁ ନେଇ ପ୍ରଶ୍ନ ଉଠିଲା । ପ୍ରଥମ ଖଲିଫା କହିଲେ ଇସଲାମୀୟ ନିୟମରେ ଚାରୋଟି ପତ୍ନୀ ରଖିବାର କୌଣସି ପ୍ରମାଣ ମିଳୁ ନାହିଁ । ଅବୁଦାଉଦ (ହଦିସ)ରେ ଲେଖା ଅଛି ହଜରତ ଇମାମ ହସନ ର.ଅ ୧୮/ ୧୯ ଜଣ ମହିଳାଙ୍କୁ ବିବାହ କରିଥିଲେ । ଆପଣ ଏହି ତଥ୍ୟ ହଜରତ ମସିହ ମଉଦ[ଆ.ସ] ଙ୍କ ନିକଟକୁ ପଠାଇଲେ । ହୁଜୁର ଉତର ଦେଲେ ମୌଲବି ସାହେବଙ୍କୁ ପଚାର ଏହା କେଉଁ ସ୍ଥାନରେ ଲେଖା ଅଛି ଯେ,ସେ ସମସ୍ତେ ଏକ ସମୟରେ ଆପଣଙ୍କ ନିକାହ୍‌ରେ ଥିଲେ । ତାପରେ ଚାରୋଟିରୁ ଅଧିକ ବିବାହ କରିବାର ଚର୍ଚ୍ଚା ହିଁ ବନ୍ଦ ହୋଇଗଲା । ପୁଣି ଚାରୋଟି ବିବାହ ନିମନ୍ତେ ତକ୍‌ୱା ସର୍ତ ଅଟେ । ହଜରତ ମୁସଲେହ ମଉଦ[ର.ଅ] ଇମାମଙ୍କ ଅଦେଶର ଆଜ୍ଞାକାରୀ ହେବା ସମ୍ବନ୍ଧରେ କୁହନ୍ତି-ଇମାମଙ୍କ ନିର୍ଦ୍ଦେଶ ପରେ ଅନ୍ୟ କାହାର କୌଣସି କଥାର କିଛି ମୂଲ୍ୟ ନାହିଁ । ତୁମ ପାଇଁ ପ୍ରଯୁଜ୍ୟ ଯେ ଯେତେବେଳେ ଅଲ୍ଲାଃ ଓ ରସୁଲଙ୍କର କୌଣସି କଥା ତୁମ କାନରେ ପଡେ ତୁମେ ସଙ୍ଗେ ସଙ୍ଗେ ତାହାର ଆଜ୍ଞାକାରୀ ହୁଅ । ଏଥିରେ ହିଁ ତୁମର ଉନ୍ନତି ଲୁକ୍‌କାୟିତ ବରଂ ଏପରି ସମୟରେ ଯଦି ଜଣେ ନମାଜ ପାଠ କରୁଥାଏ ତେବେ ତାହାର କର୍ତବ୍ୟ କି ସେ ନମାଜ ଭଙ୍ଗ କରି ଅଲ୍ଲାଃ ଓ ରସୁଲଙ୍କ ଡାକରାର ଉତର ଦେବା ଉଚିତ । କେତେକ ଲୋକ ଏଥିରେ ଆପତି କରିବାରୁ ହଜରତ ମସିହ ମଉଦ[ଆ.ସ] ଉକ୍ତ ପକ୍ତିଂ ପାଠ କଲେ-**ଲା ତଜ୍‌ଅଲୁ ଦୁଆ ଅର୍‌ରସୁଲି ବୈନାକୁମ୍ କଦୁଆଇ ବାଜିକୁମ ବାଜା । କଦ୍ ୟାଲମୁଲ୍ ଲାହୁଲ୍ ଲଜିନା ୟତସଲ୍ ଲଲୁନା ମିନ୍‌କୁମ୍ ଲିଓାଜା । ଫଲ୍‌ୟହ ଜରିଲ୍ ଲଜିନା ୟୁଖା ଲିଫୁନା ଅନ୍ ଅମ୍‌ରିହି ଅନ୍ ତୁସିବହୁମ ଫିତ୍‌ନତୁନ୍ ଅଓୟୁସିବହୁମ ଅଜାବୁନ୍ ଅଲିମ୍** ଅର୍ଥାତ ତୁମେମାନେ ଏପରି ମନେକର ନାହିଁ ଯେ ରସୁଲଙ୍କର ତୁମକୁ ଡାକିବା ତୁମେମାନେ ପରସ୍ପରକୁ ଡାକିବା ଭଳି ସମାନ ଏବଂ ଯେତେବେଳେ ଇଚ୍ଛା ଉତର ଦେଲ ଅଥବା ନଦେଲ । ତୁମମାନଙ୍କ ମଧ୍ୟରୁ ଯେଉଁମାନେ ତାହାଙ୍କ ଆଦେଶର ବିରୁଦ୍ଧାଚରଣ କରନ୍ତି । ସେମାନେ ସତର୍କ ରହିବା ଉଚିତ ଯେ ଅଲ୍ଲାଃଙ୍କ ତରଫରୁ ସେମାନଙ୍କ ପ୍ରତି କୌଣସି ବିପଦ ନଆସିଯାଏ କିମ୍ବା ସେମାନଙ୍କୁ କୌଣସିକ୍ଲଣାଦାୟକ ଶାସ୍ତି ନ ମିଳେ । ଏହିପରି ଆଉ ଏକ ସ୍ଥାନରେ ଅଲ୍ଲାଃ କୁହନ୍ତି- **ୟା ଅୟୁହଲ୍ ଲଜିନା ଆମନୁସ୍ ତଜିବୁ ଲିଲ୍ଲାହି ଓ ଲିର୍ ରସୁଲି ଇଜା ଦାଆକୁମ୍ ଲିମା ୟୁହ୍ ଇକୁମ୍** ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଓ ରସୁଲଙ୍କ କଥା ଶୁଣିବା ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇଯାଅ ଯେତେବେଳେ କି ସେ ତୁମକୁ ଜୀବନ ଦାନ କରିବାକୁ ଡାକନ୍ତି ।

ସେ ଯାହା ହେଉ ନବୀଙ୍କ କଥାର ସଙ୍ଗେସଙ୍ଗେ ଉତର ଦେବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ ବରଂ ଏପରି କହିବା କଥା କି ବିଶ୍ୱାସ ଆଣିବାର ଏହା ବୃହତ ପ୍ରମାଣ । ଆମର ପ୍ରତ୍ୟେକ କାର୍ଯ୍ୟର ଉଦ୍ଦେଶ୍ୟ ଅଲ୍ଲାଃଙ୍କୁ ରାଜି କରିବା ଓ ତାଙ୍କ ଆଦେଶ ମୁତାବକ ଅମଳ କରିବା ହେବା ଉଚିତ । ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କାର୍ଯ୍ୟ କର ନାହିଁ । ହଜରତ ମସିହ ମଉଦ[ଆ.ସ]ଙ୍କୁ ଏକ ସମ୍ମିଳନୀରେ କେହି ଜଣେ କହିଲେ ଆମ ଜମାତ୍‌ର ଅଧିକାଂଶ ଲୋକ ଦାଢି କାଟି ଦେଉଛନ୍ତି । ଆପଣ ଉତର ଦେଲେ ମୂଳ ଜିନିଷ ଅଲ୍ଲାଃଙ୍କୁ ପ୍ରେମ କରିବା ଅଟେ । ଯେତେବେଳେ ସେମାନଙ୍କ ହୃଦୟରେ ଏହା ସୃଷ୍ଟି ହୋଇଯିବ ସେତେବେଳେ ସେମାନେ ଆପେ ଆପେ ଆମର ନକଲ କରିବାକୁ ଲାଗିବେ ।

ଅଲ୍ଲାଃ କରନ୍ତୁ କି ଆମେ ନିଷ୍ଠାପର ଭାବରେ ହଜରତ ମସିହ ମଉଦ[ଆ.ସ]ଙ୍କ କଥା ବୁଝି ତାଙ୍କର ଆଜ୍ଞାକାରୀ ହେଉ ଏବଂ ଅଲ୍ଲାଃଙ୍କ ପ୍ରେମ ଆମମାନଙ୍କ ହୃଦୟରେ ଉତ୍ପନ୍ନ ହେଉ । ଆମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃଙ୍କ ଆଦେଶ ମୁତାବକ ହେଉ । ଖୁତବାର ଶେଷରେ ହୁଜୁର ଅନ୍‌ୱର ଜନାବ ଅବଦୁଲ ନୁର ଜାବି ସାହେବ ଯେ କି ସିରୀୟା ନିବାସୀ ଥିଲେ ତାଙ୍କର ଶହୀଦ ହେବାର ଘଟଣା ସହ ତାଙ୍କର ଉତମ ଗୁଣଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠର ଘୋଷଣା କଲେ ।

EDITOR
Qamarul Haque Khan
Sub-Editor : Fazal Haque Khan
Mobile : + 91 9437645667
e-mail : odiabadr@gmail.com
website : www.akhbarbadrqadian.in
www.alislam.org/badr

Title Code: PUNODI00001
The Weekly BADAR Qadian
ସାପ୍ତାହିକ ବଦର କାଦିଆନ
Distt. Gurdaspur (Pb.) INDIA Qadian - 143516
Vol. 1 | Thursday 31 March 2016 | Issue No. 4

MANAGER
NAWAB AHMAD
Mobile : +91 94170- 20616
Tel. : +91 1872-224757
E-mail : managerbadrqnd@gmail.com
ANNUAL SUBSCRIPTION : Rs.300/-

**ଅଲ୍ଲାଃ କରନ୍ତୁ କି ଆମେ ହଜରତ ମସିହ ମଉଦ[ଆ.ସ] ଙ୍କ କଥନଗୁଡକର ପ୍ରକୃତ ମର୍ମ ବୁଝିବା ସହ ଆମ ମଧ୍ୟରେ ପ୍ରକୃତ ଈଶ୍ୱର ପ୍ରେମ ସୃଷ୍ଟି ହେଉ ଏବଂ ଆମ୍ଭର ପ୍ରତ୍ୟେକ କାର୍ଯ୍ୟକଳାପ ଅଲ୍ଲାଃଙ୍କ ଆଦେଶ ମୁତାବକ ହେଉ ।**

# ୧୮ମାର୍ଚ୍ଚ ୨୦୧୬ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ : ମସଜିଦ ବୈତୁଲ୍ ଫୋତୁହ ଲଣ୍ଡନ

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନ୍‌ଓ୍ୱର[ଅ.ବ] କହିଲେ-କେତେବେଳେ ପିତାମାତା ନିଜ ପିଲାମାନଙ୍କୁ ବେଶ କଠୋର ଭାବରେ ଆକଟ କରିଥାନ୍ତି ତ କେତେବେଳେ ସେମାନଙ୍କର ଦୋଷତ୍ରୁଟି ଆଦିକୁ ଅଣଦେଖା କରିଥାନ୍ତି । ଉଭୟ କ୍ଷେତ୍ରରେ ସେମାନଙ୍କ ଉପରେ ଖରାପ ପ୍ରଭାବ ପଡିଥାଏ ଏବଂ ପିଲାମାନେ ଭୁଲ ଠିକ ମଧ୍ୟରେ ତଫାତ୍ କରିପାରି ନଥାନ୍ତି । କଥା କଥାରେ ଅଯଥା ଆକଟ କରିବା ପିଲାମାନଙ୍କୁ ବିଦ୍ରୋହି କରିଦେଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ବୟସରେ ପହଂଚିବା ପରେ ସେମାନେ ପୁଣି ପିତାମାତାଙ୍କର ଉଚିତ୍ କଥାର ଅବମାନନା କରି ବସିଥାନ୍ତି । ସେହିପରି ପିଲାମାନଙ୍କ ପ୍ରତ୍ୟେକ ଦୋଷ ଦୁର୍ବଳତାକୁ ଅଣଦେଖା କରିବା,ସେମାନଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଯୁବପିଢୀ ସହ ପିତାମାତାଙ୍କର ବିଶେଷ କରି ପିତାଙ୍କର ଏପରି ଆଚରଣ ସେମାନଙ୍କ ଉପରେ ଖରାପ ପ୍ରଭାବ ପକାଇ ଥାଏ । ଅତଏବ ଆଜି କାଲିର ଯୁବପିଢୀ ଯେ ନା କେବଳ ନିଜ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବରଂ ସମଗ୍ର ଦେଶ ତଥା ବିଶ୍ୱରେ ଘଟୁଥିବା ଘଟଣାମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ତେଣୁ ପିତାମାତା ପିଲାମାନଙ୍କୁ ଯେ କୌଣସି କଥା ପ୍ରମାଣର ସହ ବୁଝାଇବା ଉଚିତ୍ । ବିଶେଷ କରି ପିତାମାନେ ମନେରଖିବା ଉଚିତ ଯେ ଆମେ କେଉଁ ସ୍ଥଳେ ନରମ ଓ କେଉଁ ସ୍ଥଳେ କଠୋରତା ପ୍ରଦର୍ଶନ କରିବା ଏବଂ କିପରି ପିଲାମାନଙ୍କୁ ବୁଝାଇବା,ମା ମାନଙ୍କ ଉପରେ ଛାଡି ନିଶ୍ଚିନ୍ତ ହୋଇଯିବାର ନାହିଁ ।

ହଜରତ ମସିହ ମଉଦ[ଆ.ସ] ପିଲାମାନଙ୍କ ଚରିତ୍ର ଗଠନ ନିମନ୍ତେ କି ପ୍ରକାରର ପଦକ୍ଷେପ ନେଇଥାନ୍ତି ଏଥି ସମ୍ବନ୍ଧରେ ହଜରତ ମୁସଲେଃ ମଉଦ [ର.ଅ] ଏକ ଘଟଣାର ଚର୍ଚ୍ଚା କରିଛନ୍ତି । ହଲାଲ ଓ ହରାମ ସମ୍ବନ୍ଧରେ କୁହନ୍ତି ମନେରଖିବା ଉଚିତ ଯେ ଅଲ୍ଲାଃତାଲା ଭିନ୍ନ ଭିନ୍ନ ପ୍ରାଣୀ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ସୃଷ୍ଟି କରିଛନ୍ତି । କେତେକଙ୍କ ସୁନ୍ଦର ବର୍ଣ୍ଣ ଏବଂ ସ୍ୱର ଆମ ମନକୁ ମୁଗ୍ଧ କରିଥାଏ ତ କେତେକଙ୍କର ମାଂସ ଆମ ଶରୀରକୁ ଶକ୍ତି ଯୋଗାଇଥାଏ ଓ କେତେକଙ୍କର ମାଂସରେ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ । ତେଣୁ କେବଳ ହଲାଲ ଜାଣି ସବୁକିଛି ଖାଇବା ଉଚିତ ନୁହେଁ । ଯଦିଓ କିଛି ପ୍ରାଣୀ ହଲାଲ ହେବା ସହ ତୟବ (ସ୍ୱାସ୍ଥ ପକ୍ଷେ ହିତକର) ଅଟେ ତଥାପି ଆମକୁ ଦେଖିବା ଉଚିତ ଯେ ସେଥିରୁ ଆମକୁ ଅଧିକ ଉପକାର କିପରି ମିଳିବ । ନିଜ ସ୍ୱାର୍ଥ ଓ ଉପକାରକୁ ମାନବ ଜାତିର କଲ୍ୟାଣ ପାଇଁ ବଳିଦାନ କରିବା ଉଚିତ । ଆମ ସ୍ୱାର୍ଥ ପାଇଁ ଉକ୍ତ (ପ୍ରାଣୀଗୁଡିକୁ) ଖାଇଦେଲେ ଅନ୍ୟମାନଙ୍କର ଯେଉଁ ଉପକାର ସାଧିତ ହୋଇଥାନ୍ତା ସେଥିରୁ ସେମାନେ ବଂଚିତ ରହିଯିବେ । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ପିଲାଦିନେ ମୋତେ ଏକ ଶିକ୍ଷା ଦିଆଯାଇଥିଲା । ଥରେ ମୁଁ ଏକ ସୁଆ ଶିକାର କରି ଆଣିଲି । ହଜରତ ମସିହ ମଉଦ[ଆ.ସ] ତାହାକୁ ଦେଖି କହିଲେ ମହମୁଦ ! ଏହାର ମାଂସ ଯଦିଓ ହରାମ ନୁହେଁ, କିନ୍ତୁ ଅଲ୍ଲାଃତାଲା ସମସ୍ତ ପ୍ରାଣୀ ଖାଇବା ନିମନ୍ତେ ସୃଷ୍ଟି କରିନାହାନ୍ତି । କେତେକ ସୁନ୍ଦର (ପକ୍ଷୀ) ଯାହାକୁ ଦେଖିଲେ ଆମେ ଆନନ୍ଦିତ ହୋଇଥାଏ ତ କେତେକଙ୍କ ସ୍ୱର ଆମ ମନକୁ ପ୍ରଫୁଲ୍ଲିତ କରିଥାଏ । ସୁତରାଂ ଅଲ୍ଲାଃ ମନୁଷ୍ୟର ପ୍ରତ୍ୟେକ ଇନ୍ଦ୍ରିୟ ନିମନ୍ତେ ଭିନ୍ନ ଭିନ୍ନ ଉପାଦାନ ପ୍ରଦାନ କରିଛନ୍ତି । ତେଣୁ ସେସବୁ କେବଳ ପାଟିରେ ଦେଇଦେବା ଠିକ୍ ହେବ ନାହିଁ ।

ଅତଏବ ଶିକ୍ଷା ଦେବାର ଏପରି ସୁନ୍ଦର ପ୍ରଣାଳୀ ମାତ୍ର ହୃଦୟକୁ ସ୍ପର୍ଶ କରିନଥାଏ ବରଂ ଅଲ୍ଲାଃଙ୍କ ଆଦେଶ ସଦାସର୍ବଦା ପାଇଁ ମନେରହି ଯାଇଥାଏ କି ହଲାଲ ଓ ତୟବ ଖାଦ୍ୟ ଖାଇବାରେ ମଧ୍ୟ ସର୍ତକତା ଅବଲମ୍ବନ କରିବା ଆବଶ୍ୟକୀୟ । ଏଥି ସମ୍ବନ୍ଧରେ ହଜରତ ମୁସଲେଃ ମଉଦ [ର.ଅ] ଆଉ କିଛି ଘଟଣାର ଚର୍ଚ୍ଚା କରିଛନ୍ତି । ହଜରତ ମସିହ ମଉଦ[ଆ.ସ] ଙ୍କର ଆଗମନର ଉଦ୍ଦେଶ୍ୟ ବିଦ୍‌ଅତ(କୁପ୍ରଥା,ପରମ୍ପରା)ର ଉଚ୍ଛେଦ କରିବା ସହ ଲୋକମାନଙ୍କୁ ଇସଲାମର ସୁନ୍ଦର ଶିକ୍ଷାର ଦର୍ଶନ କରାଇବା ଥିଲା । ଅତଏବ ଯେତେବେଳେ ଆପଣଙ୍କର ଉଦ୍ଦେଶ୍ୟ ଏହା ଥିଲା ତେବେ କିପରି ସମ୍ଭବ ଯେ ଆପଣ ଏହିପରି ଆଉ କିଛି ନୂତନ ପ୍ରଥା ପ୍ରଚଳନ କରିବା ଆରମ୍ଭ କରିଦେବେ (ନଉଯୁବିଲ୍ଲାଃ) । ହଜରତ ମୁସଲେଃ ମଉଦ [ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଲୋକମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ନିଜର ଫଟୋ ଉଠାଇଲେ କିନ୍ତୁ ଯେତେବେଳେ ଆପଣ ଗୋଟିଏ କାର୍ଡରେ କିମ୍ବା ପୋଷ୍ଟକାର୍ଡରେ ଆପଣଙ୍କୁ ଏହି ଫଟୋ ଦିଆଗଲା, ତାହାକୁ ଆପଣ ବାରଣ କଲେ ଓ କହିଲେ ଏହାର ଅନୁମତି ଦିଆଯାଇ ପାରିବ ନାହିଁ । ପୁଣି ଜମାଅତର ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଯେ,କୌଣସି ବ୍ୟକ୍ତି ଏପରି କାର୍ଡ କିଣିବେ ନାହିଁ । ସେତେବେଳେ କେହି ଏହି ଆଦେଶ ଅମାନ୍ୟ କରିବାର ଦୁଃସାହସ କଲେ ନାହିଁ କିନ୍ତୁ ଆଜିକାଲି କେତେକ ସ୍ଥାନରେ ଟୁଇଟର ଓ ଓାଟସ୍‌ଆପରେ ଲୋକେ କାର୍ଡ ଯୋଗେ ଆପଣଙ୍କ ଫଟୋ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ନିଜ ଗୁରୁଜନ ଓ ପୁରୁଣା ଦୋକାନ କିମ୍ବା ପୁସ୍ତକମାନଙ୍କରୁ ହୁଜୁରଙ୍କର ଫଟୋ ସଂଗ୍ରହ କରି ଏପରି କରୁଛନ୍ତି । ସେମାନଙ୍କୁ ମନେରଖିବା ଉଚିତ ଯେ ଏସବୁ କରିବା ମନା ଅଟେ । ଦେଖ ହଜରତ ମସିହ ମଉଦ[ଆ.ସ] ଦୂରଦୂରାନ୍ତରେ ବିଶେଷକରି ୟୁରୋପରେ ରହୁଥିବା ଲୋକମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ଫଟୋ ଉଠାଇଥିଲେ କାରଣ ସେମାନେ ଚେହେରା ଦେଖି ସତ୍ୟର ସନ୍ଧାନ କରିନେଇଥାନ୍ତି । କିନ୍ତୁ ଯେତେବେଳେ ଆପଣ ଦେଖିଲେ କି ଲୋକେ ଏହାକୁ କାର୍ଡରେ ଛପାଇ କାରବାର କରିବା ଆରମ୍ଭ କଲେ ଓ ଅନୁଭବ କଲେ କି ଏକ ନୂତନ ପ୍ରଥାର ପ୍ରଚଳନ ହେବାରେ ଲାଗିଲାଣି ,ସେତେବେଳେ ସଙ୍ଗେ ସଙ୍ଗେ ଏଥିରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ ଦେଲେ ଓ ନିଜେ ଏପରି କେତେ ଗୁଡାଏ ଫଟୋ ନଷ୍ଟ କରିଦେଲେ । ଅତଏବ ଯେଉଁମାନେ ଫଟୋ କାରବାର କରୁଛନ୍ତି ଏବଂ ହୁଜୁରଙ୍କ ଫଟୋକୁ ମନଇଛା ମୂଲ୍ୟ ନିର୍ଦ୍ଧାରଣ କରି ବିକ୍ରି କରୁଛନ୍ତି । ସେମାନଙ୍କୁ ହୁଜୁରଙ୍କ ଆଦେଶ ସର୍ବଦା ମନେ ରଖିବା ଉଚିତ । ପୁଣି କେତେକ ହୁଜୁର[ଆ.ସ] ଙ୍କ ଫଟୋରେ ରଙ୍ଗ ଭରିଥାନ୍ତି ଯେତେବେଳେ କି ଆପଣଙ୍କର କୌଣସି ରଙ୍ଗିନ ଫଟୋ ନାହିଁ । ସେମାନଙ୍କୁ ଏପରି କରିବାରୁ ନିବୃତ ରହିବା ଉଚିତ । ସେହିପରି ଖଲିଫାମାନଙ୍କ ଫଟୋ ମଧ୍ୟ ବ୍ୟବହାର କରିବାରେ ସତର୍କତା ଅବଲମ୍ବନ କରିବା ଉଚିତ । ଏକଦା ହଜରତ ମୁସଲେଃ ମଉଦ[ର.ଅ] ଙ୍କ ସମ୍ମୁଖରେ (ଶୁରାରେ) ସିନେମା ଓ ବାଇସ୍କୋପ ସମ୍ବନ୍ଧରେ ଚର୍ଚ୍ଚା ହେଲା ଆପଣ କହିଲେ ହଜରତ ମସିହ ମଉଦ[ଆ.ସ] ନିଜେ ଫୋନୋଗ୍ରାଫ ଶୁଣିଛନ୍ତି । ବରଂ ଏଥି ସମ୍ବନ୍ଧରେ ଆପଣଙ୍କର ଏକ କବିତା ଅଛି,ଯାହାକି ଆପଣ ନିଜ ହିନ୍ଦୁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଶୁଣାଇଥିଲେ ତାହାର ପ୍ରାରମ୍ଭିକ ପଂକ୍ତି ଏହିପରି ଅଟେ –

**ଆଓାଜ ଆରହିହେ ଫୋନୋଗ୍ରାଫ ସେ,**
**ଢୁଣ୍ଡୋ ଖୁଦାକୋ ଦିଲ ସେ ନା ଲାଫୋ ଗୁଜାଫ ସେ ॥**

ଅତଏବ ସିନେମା ବସ୍ତୁତଃ ମନ୍ଦ ନୁହେଁ । ଅନେକ ଲୋକ ପ୍ରଶ୍ନ କରିଥାନ୍ତି କି ଏପରି ସ୍ଥାନକୁ ଯିବା ପାପ ଅଟେ କିନ୍ତୁ ବର୍ତମାନ ଯୁଗରେ ତାହା ଯେଉଁ ଭିନ୍ନ ରୂପ ନେଇଚାଲିଛି,ଚରିତ୍ର ନଷ୍ଟ କରିବା ପାଇଁ ଯଥେଷ୍ଟ ଅଟେ । ଯଦି କୌଣସି ଚଳଚିତ୍ର ପୂର୍ଣ୍ଣ ଧର୍ମପ୍ରଚାର କିମ୍ବା ଉତମ ଶିକ୍ଷା ପ୍ରଦାନ କରିବା ଉପରେ ଆଧାରିତ ହୁଏ ଏବଂ ସେଥିରେ କୌଣସି ଭାଗ ଡ୍ରାମା ବା ତାମସା ନଥାଏ ତେବେ ତାହା ମନା ନୁହେଁ । ସୁତରାଂ ହଜୁରଙ୍କ ଏପରି ସ୍ପଷ୍ଟ କଥନ ପରେ ଯେଉଁମାନେ କହୁଛନ୍ତି କି ଏମ.ଟି.ଏ କିମ୍ବା ଭୟସ୍ ଅଫ ଇସଲାମ(ଜମାତ୍‌ର ରେଡିଓ)ର କାର୍ଯ୍ୟକ୍ରମଗୁଡିକରେ ଯଦି ବାଦ୍ୟଯନ୍ତ୍ରମାନ ପରିବେଷଣ କରାଯାଏ ତେବେ କୌଣସି ଅସୁବିଧା ନାହିଁ ,ସେମାନଙ୍କର ଭ୍ରମ ଦୂର ହେବା ଉଚିତ । ଏପରି ପ୍ରଥାର ଉଚ୍ଛେଦ ନିମନ୍ତେ ହଜରତ ମସିହ ମଉଦ[ଆ.ସ] ଙ୍କର ଆବିର୍ଭାବ ହୋଇଥିଲା । ତେଣୁ ଆମ ଚିନ୍ତାଧାରାକୁ ଏଥି ମୁତାବକ କରିବା ଉଚିତ ଯେପରି ହୁଜୁର[ଆ.ସ] ଙ୍କର ଉଦ୍ଦେଶ୍ୟ ଥିଲା । ଆଧୁନିକ ଉପକରଣ ଗୁଡିକର ବ୍ୟବହାର କରିବା ମନା ନୁହେଁ କିନ୍ତୁ ସେଗୁଡିକର ଅପବ୍ୟବହାର ମନା ଅଟେ । ଜମାତ୍‌ର କେତେକ ବ୍ୟକ୍ତି ମତ ପୋଷଣ କରିଥାନ୍ତି କି ଡ୍ରାମା ମାଧ୍ୟମରେ ଧର୍ମପ୍ରଚାର କଲେ ଅନ୍ୟମାନେ ବେଶ ପ୍ରଭାବିତ ହୁଅନ୍ତେ । ସେମାନଙ୍କୁ ମନେରଖିବା ଉଚିତ ଯେ,ଯଦି କୌଣସି ଭୁଲ ମାର୍ଗରେ ଆମେ ପାଦ ଦେବା କିମ୍ବା ଖରାପ କଥାକୁ ନିଜ କାର୍ଯ୍ୟକ୍ରମରେ ସ୍ଥାନ ଦେବା ତେବେ ସେଥିରୁ ସହସ୍ର କିସମର ବିଦ୍‌ଅତ ମୁଣ୍ଡଟେକି ଉଠିବ । ଅନ୍ୟମାନଙ୍କ କଥା କହିଲେ,ବୋଧହୁଏ ସେମାନଙ୍କ ମତରେ କୋରାନ ପାଠ ସହ ସଙ୍ଗୀତ ପରିବେଷଣ କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ଜଣେ ଅହମଦି ଏପରି ପ୍ରଥା ବିରୋଧରେ ସର୍ବଦା ସ୍ୱର ଉତୋଳନ କରିବା ଏବଂ ଏପରି କାର୍ଯ୍ୟରୁ ନିବୃତ ରହିବା ଉଚିତ । କାରଣ ଯେତେବେଳେ ଏପରି ପ୍ରଥା ପ୍ରଚଳିତ ହୋଇଥାଏ ସେତେବେଳେ ମଣିଷର ଚିନ୍ତାଧାରା ମଧ୍ୟ ଏଥି ମୁତାବକ ବଦଳି ଯାଇଥାଏ । ଡାକ୍ତରମାନଙ୍କ ଚର୍ଚ୍ଚା କରି ଅପଣ କୁହନ୍ତି ଭାରତର ୯୯ଭାଗ ଡାକ୍ତର ଅନ୍ୟ ସହ ପରାମର୍ଶ କରିବାକୁ ନିଜର ସମ୍ମାନ ହାନି ମନେକରିଥାନ୍ତି ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଉଭୟ ଡାକ୍ତର ଓ ବୈଦ୍ୟମାନଙ୍କ ସହ ପରାମର୍ଶ କରି ଡାକ୍ତରି ଓ ଚେରମୂଳୀ ଔଷଧ ବ୍ୟବହାର କରୁଥିଲେ । ମୁଁ ମଧ୍ୟ ୧୯୧୮ମସିହାରେ ରୋଗାକ୍ରାନ୍ତ ଥିବାବେଳେ ଏହି ପଦ୍ଧତି ଆପଣାଇ ଥିଲି । କାରଣ ଜଣା ନାହିଁ ଅଲ୍ଲାଃ କେଉଁ ମାଧ୍ୟମରେ ଆରୋଗ୍ୟ ପ୍ରଦାନ କରିବେ । ଯଦି କେହି ଡାକ୍ତର ନିଜକୁ ଈଶ୍ୱର ମନେକରୁଥାଏ ତେବେ କରୁଥାଉ ଆମେ ତ ତାକୁ ଏକ ସାଧାରଣ ମଣିଷ ବିବେଚନା କରିବା ।

କେତେକ ସମୟରେ ଏକ ସାଧାରଣ ଲୋକ ମଧ୍ୟ କିଛି ଚେରମୂଳିର ବିଶେଷ ପ୍ରୟୋଗ ପ୍ରଣାଳୀ ଜାଣି ବେଶ ଭଲ ଚିକିତ୍ସା କରିଥାଏ ଏବଂ ଯେଉଁଠାରେ ବଡ ବଡ ଡାକ୍ତର ହାରିଯାଇଥାନ୍ତି ସେଠାରେ ଉକ୍ତ ବ୍ୟକ୍ତିର ଔଷଧ କାମ କରିଯାଇଥାଏ । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ଏକଦା କୌଣସି କାରଣ ବଶତଃ ସୟଦ ଅହମଦ ନୁର ସାହେବଙ୍କ ନାକରେ ଆଘାତ ଲାଗିଯାଇଥିଲା ସେଥିପାଇଁ ସେ ଅନେକ ସ୍ଥାନରେ ଚିକିତ୍ସା କରାଇଲେ । ଏପରିକି ଲାହୋର ମେଓ ଚିକିତ୍ସାଳୟରେ x-ray ପରୀକ୍ଷା କରି ଚିକିତ୍ସିତ ହେଲେ,ତଥାପି ଅବସ୍ଥାରେ ସୁଧାର ଆସିବା ପରିବର୍ତେ ଗୁରୁତର ହେବାକୁ ଲାଗିଲା । ଶେଷରେ ସେ ପେଷାଓ୍ୱର ଯାଇ ଜଣେ ଭଣ୍ଡାରୀ ପାଖରେ ନିଜର ଚିକିତ୍ସା କରାଇଲେ । ସୌଭାଗ୍ୟ ବଳେ ସେ ମାତ୍ର ତିନି ଦିନରେ ତାଙ୍କୁ ଆରୋଗ୍ୟ କରିଦେଲେ । ଆପଣ କୁହନ୍ତି ଏବେ ମଧ୍ୟ ଏପରି ଅନେକ ବିଶେଷଜ୍ଞ ଅଛନ୍ତି ଯେଉଁମାନଙ୍କୁ ଏପରି ଚିକିତ୍ସା ପଦ୍ଧତି ଜଣା । ଯଦି ସେଗୁଡିକୁ ଜୀବିତ ରଖାଯାଏ ତେବେ ତାହା ଦ୍ୱାରା ଆହୁରି ଅନେକ ରୋଗର ନିରାକରଣ କରାଯାଇ ପାରନ୍ତା । ହଜରତ ମସିହ ମଉଦ [ଆ.ସ] କୁହନ୍ତି ଏକ ଭଣ୍ଡାରୀ ଥିଲା ଯାହାକୁ ଏପରି ଚେରମୂଳିର ସୁତ୍ର ଜଣାଥିଲା

*ଅବଶିଷ୍ଟାଂଶ ପୃଷ୍ଠା -୭ ରେ .....*

Printed & Published by: Jameel Ahmed Nasir on behalf of Nigran Board of Badar, at Fazle-Umar Printing Press Qadian, Harchowal Road, Qadian
Distt: Gurdaspur-143516, Punjab, India. And published at office of the Weekly Badar Moh-Ahmadiyya, Harchowal Road P.o:Qadian Distt:Gsp-143516, Punjab.India.Editor:Qamrul Haque Khan